ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ହଇରାଣ

# ବିବାହ ସହାୟତା ଟଙ୍କା ପାଇଁ ମାସ ମାସ ଅପେକ୍ଷା

ବଲାଙ୍ଗିର, ୧୧ ।୨(ସମିସ)

ଶ୍ରମିକଙ୍କ କାମରେ ଆସୁନି ଶ୍ରମ କାର୍ଯ୍ୟାଳୟ। ବିଭିନ୍ନ ସରକାରୀ ଯୋଜନା ସହାୟତା ପାଇବା ପାଇଁ ବହୁ ଦୂରରୁ ଶ୍ରମିକ ଓ ସେମାନଙ୍କ ପରିବାର ଆସୁଥିବାବେଳେ

**ଶୁଣିବା ବଦଳରେ ଅଧିକାରୀଙ୍କ ହତାଦର**

**ତିନି ବର୍ଷ ହେଲା ସହାୟତା ପାଇଁ ଦୌଡୁଛନ୍ତି**

ସେମାନଙ୍କ କାମ ହେଉ ନ ଥିବାରୁ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ଶ୍ରମିକ ମାନଙ୍କ ବିବାହ ସହାୟତା ଦେବାରେ ଜିଲ୍ଲା ଶ୍ରମ ବିଭାଗ ଅବହେଳା ପ୍ରଦର୍ଶନ କରୁଥିବାବେଳେ କାର୍ଯ୍ୟାଳୟର କିଛି କର୍ମଚାରୀ ନିଜେ ଦଲାଲ ସାଜି ଟଙ୍କା ନେଇ ସହାୟତା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ବିଭାଗୀୟ ଅଧିକାରୀ ନିଜ କର୍ମଚାରୀଙ୍କ ଭୁଲ ନମାନି ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କୁ ଚକିତ କରିଛି।

ପ୍ରତିଦିନ ବଲାଙ୍ଗିର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମିକ ମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ତେବେ କାହିଁକି ଏତେ ସଂଖ୍ୟାରେ ଶ୍ରମିକମାନେ କାର୍ଯ୍ୟାଳୟକୁ ଆସି ହଇରାଣ ହେଉଛନ୍ତି



ତାହା ପଚରାଉଚୁରା କରିବାରୁ କାର୍ଯ୍ୟାଳୟରେ ଚାଲିଥିବା ସାଂଘାତିକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ ତୁରେକେଲା ବ୍ଲକ ହିଆଲ ପଞ୍ଚାୟତର ତୁଷାମୁଣ୍ଡା ଗାଁର ନୀରା ବାଗ ଦୁଇ ବର୍ଷ ତଳେ ଝିଅ ବିବାହ କରିଥିଲେ। ଆଜି ପର୍ଯ୍ୟନ୍ତ ଶ୍ରମିକ କଲ୍ୟାଣ ଯୋଜନାରେ ମିଳିବାକୁ ଥିବା ସହାୟତା ଟଙ୍କା ପାଇନାହାନ୍ତି। ସେହିପରି ସମାନ ଅଭିଯୋଗ ନେଇ ବଲାଙ୍ଗିର ସହର ଇନ୍ଦିରାନଗରର ଚମାରୁ ରାଉତ, ତୁରେକେଲା ବ୍ଲକ ଚିଚେରବେଙ୍ଗ ଗାଁର ସୁଶିଲା ସାହୁ, ସଇଁତଲାର ଚନ୍ଦକାନ୍ତି ଥାପା, ତୁରେକେଲା ବ୍ଲକ ମହଖଣ୍ଡର ରୁତୁ ପୁଟେଲ ଯଶୋଦା ପୁଟେଲ ଏମିତି ଅନେକ ଶ୍ରମିକ ନିଜ ଝିଅ ମାନଙ୍କୁ ବାହା କରାଇଛନ୍ତି। ପ୍ରାୟ ସମସ୍ତେ ୨୦୨୦ ରୁ ୨୦୨୧ ମସିହାରେ ବିବାହ କରାଇଥିବା ବେଳେ ଦୀର୍ଘ ମାସ ପୂର୍ବରୁ ବିବାହ ସହାୟତା ଟଙ୍କା ପାଇଁ ଆବେଦନ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ସହାୟତା ଟଙ୍କା ପାଇନାହାନ୍ତି। ପ୍ରତି ସପ୍ତାହରେ ଏହି ଶ୍ରମିକ ମାନେ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ବେଳେ ସେମାନଙ୍କୁ ବିଭିନ୍ନ ବାହାନା ଦେଖାଇ କର୍ମଚାରୀମାନେ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ଧାର୍ କରଜ କରି ଝିଅ ବିବାହ କରିଥିବା ଏହି ଶ୍ରମିକମାନେ ପରିଶୋଧ କରିବା ପାଇଁ ଏହି ଟଙ୍କା ଆଶାରେ ଥିବାବେଳେ ଟଙ୍କା ନ ପାଇ ଗାଁରେ ସେମାନେ ଲୋକହସା ହେବା ସହ ମାନସିକ ଚାପରେ ରହୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଳୟରେ କିଛି ଅସାଧୁ କର୍ମଚାରୀ ଏଥିପାଇଁ ଟଙ୍କା ନେଇ କାମ କରାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ଭିତରେ ଏହିଭଳି ଅବ୍ୟବସ୍ଥା ରହିଥିବା ବେଳେ ଏଥିପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଉତ୍ତରଦାୟୀ ରହିବା କଥା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଜିଲ୍ଲା ଶ୍ରମ ଅଧିକାରୀ ଶ୍ରମିକଙ୍କ ଗୁହାରୀ ଶୁଣିବା ବଦଳରେ ସେମାନଙ୍କୁ ଟାଣ କଥା କହି ଫେରାଇ ଦେଉଥିବା ଅଭିଯୋଗ ଆଣିଛନ୍ତି। ଏନେଇ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠଙ୍କୁ ପଚାରିବାରୁ ସେହିଭଳି କିଛି ଅବ୍ୟବସ୍ଥା ନାହିଁ। କିଛି ଲୋକଙ୍କ ବିଳମ୍ବ ହୋଇଥାଇପାରେ ସେଦିଗରେ ଯତ୍ନବାନ ହେବେ ବୋଲି କହିଛନ୍ତି। ବିଭାଗୀୟ କାର୍ଯ୍ୟାଳୟରେ ଚାଲିଥିବା ଏହି ଅବ୍ୟବସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରମିକ ମାନେ ଦାବି କରିଛନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ତୁରେକେଲା, ୧୧ ।୨(ସମିସ):** ସାତ ବର୍ଷତଳେ କାମ କରିବାକୁ ତାମିଲନାଡୁ ଯାଇଥିଲେ ଯୁଧିଷ୍ଠିର ମାଝୀ। ପର୍ବ ପର୍ବାଣିରେ ଗାଁକୁ ଆସି ପରିବାର ସହ ଉତ୍ସବ ପାଳନ କରୁଥିଲେ। ହେଲେ ଏବେ ସେ ଶବ ହୋଇ ଗାଁ କୁ ଫେରିଛନ୍ତି। ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲା ଉପାନ୍ତ ତୁରେକେଲା ଥାନା ଗଡ଼ଗାଡ଼ବାହାଲ ଗାଁରେ। ଗାଁ ଗୁନ ମାଝୀଙ୍କ ସାନ ପୁଅ ଯୁଧିଷ୍ଠିର ମାଝୀ(୩୨)



ଙ୍କ ତାମିଲନାଡୁରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଯୁଧିଷ୍ଠୀରଙ୍କ ବଡ଼ ଭାଇ ଘନଶ୍ୟାମଙ୍କ ଠାରୁ ପ୍ରକାଶ ଯେ ମୋ ଭାଇ

**ତାମିଲନାଡୁରେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା**

**ଭାଇରାଲ ହେଉଛି ଶେଷ ଅଡିଓ କଲ**

ତାମିଲନାଡୁର ଏକ ଘରୋଇ କାରଖାନାରେ କାମ କରୁଥିଲା। ଏହି ସମୟରେ କାରଖାନାର ଜଣେ ତାମିଲ ସମ୍ପ୍ରଦାୟ ବ୍ୟକ୍ତିଙ୍କ ସହ ପାଟିତୁଣ୍ଡ ହୋଇଥିଲା। ତାପରେ ସେ କାରଖାନାରେ କାମ ଛାଡି ଦେଲା। ଗତ ଜାନୁୟାରୀ ମାସରେ ଦିନେ ଅଧରାତ୍ରିରେ ମୋତେ ମୋ ଭାଇ ଫୋନ କରି କହିଲା ଯେ ଦାଦା ମୋତେ ଏବେ ମାରିବାକୁ ସେମାନେ ପ୍ରସ୍ତୁତ ହୋଇଗଲେଣି। ମୋତେ ଏବେ ମାରିଦେବେ। ଏହାର କିଛି ଦିନ ପରେ ସେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସେଠିକାର ଲୋକେ ଖବର ଦେଇଥିଲେ। ମୃତ ଶରୀର ବହୁ ଦିନରୁ ବନ୍ଦ ପଡ଼ିଥିବା ଏକ କାରଖାନାରେ ଝୁଲୁଥିଲା। ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଯୁଧିଷ୍ଠିରଙ୍କ ବଡ଼ଭାଇ କହିଛନ୍ତି। ତାଙ୍କର କିଛି ଜଣ ସମ୍ପର୍କୀୟ ତାମିଲନାଡୁ ଯାଇ ଏକ ଘରୋଇ ଆମ୍ବୁଲାନ୍ସରେ ଶବ ଗାଁ ମଶାଣିକୁ ଆଣି ଶେଷକୃତ ସମ୍ପନ୍ନ କରିଛନ୍ତି। ବଲାଙ୍ଗିର ଜିଲ୍ଲା ପ୍ରଶାସନ ତଦନ୍ତ କରି ଦୋଷୀ ବିରୋଧ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ତୁର୍ଲା ଚାମ୍ପିଅନ




**ଖପ୍ରାଖୋଲ, ୧୧ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ତାମ୍ବିପଦର ଗାଁରେ ଚାଲିଥିବା ରାମଚନ୍ଦ୍ର ଏବଂ ଡୋଳାମଣି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ତୁର୍ଲା ଓ ବୁକାଝୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତୁର୍ଲା ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବୁକାଝୁଲା ଦଳ ୮ ଓଭରରେ ୮ ୱିକେଟ ହରାଇ ମାତ୍ର ୯୪ ରନ କରିବାକୁ ସକ୍ଷମ ହୋଇଥିଲା। ଯାହାଫଳରେ ତୁର୍ଲା ଦଳ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣାଗଡ଼ ବିଧାୟକଙ୍କ ଖପ୍ରାଖୋଲ ନୋମିନି ରମେଶ ପଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜ୍ୟୋତି ରଞ୍ଜନ ପଣ୍ଡା, ଗୋପାଳ ପାତ୍ର, କୁଶ ମାଝୀ, ମାର୍କଣ୍ଡ ବରିହା, କୁଳମଣି ମେହେର, କାଳିଆ ମେହେର ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦୦୦୦ ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପିଆର ଭାବେ ବଶିଷ୍ଠ ଓ ଲିଙ୍ଗରାଜ ପରିଚାଳନା କରିଥିବାବେଳେ ସନ୍ତୋଷ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରଞ୍ଜିତ ମେହେର ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳ ପାତ୍ର, ପପୁ ମେହେର, ଆଶିଷ ମେହେର, ବାପି ପାତ୍ର, ସିଦ୍ଧାନ୍ତ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

ମାସିକ 'ରଚନା' ସନ୍ଧ୍ୟା

# ଯୁବସମାଜ ପାଇଁ ବିପୁଳ ସମ୍ଭାବନା ରହିଛି

**ବଲାଙ୍ଗିର:୧୧ ।୨ (ସମିସ):** ଯୁବସମାଜ ସମ୍ମୁଖରେ ଆଗରୁ ବି ଆହ୍ୱାନ ଥିଲା, ଏବେ ବି ଅଛି ଓ ଆଗକୁ ବି ରହିବ। କେବଳ ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ସେମାନେ ନିଜର ସୁନ୍ଦର ଭବିଷ୍ୟତ ଗଠନ କରିପାରିବେ। ଏଥିପାଇଁ ଉପଯୁକ୍ତ ଶୈକ୍ଷିକ ବାତାବରଣ ଓ ଅଭିଭାବକୀୟ ମାର୍ଗଦର୍ଶନର ମଧ୍ୟ ଆବଶ୍ୟକତା ରହିଛି। ବଲାଙ୍ଗିରର ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ରଚନା' ତରଫରୁ ଆୟୋଜିତ ମାସିକ ରଚନା ସନ୍ଧ୍ୟାରେ ଏହି ମତ ପ୍ରକାଶ ପାଇଛି। 'ଯୁବପିଢ଼ି ସମ୍ମୁଖରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ର ତ୍ରିଲୋଚନ ଦଳବେହେରା, ଅଧ୍ୟାପିକା ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀ, ଅଧ୍ୟାପିକା ଏଲୋରା ମିଶ୍ର, ଓ ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଶୀ ଆଲୋଚକ ଭାବରେ ଯୋଗ ଦେଇ ଯୁବପିଢି ପାଇଁ ବିପୁଳ ସମ୍ଭାବନା ରହିଛି ବୋଲି ମତ ରଖିଥିଲେ। ସେମାନେ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରହି ଅନ୍ୟାନ୍ୟ ବହି ପଢ଼ି ଜ୍ଞାନ ଆହରଣ କରିବା ସହିତ ସବୁ ସମସ୍ୟାକୁ ସାମ୍ନା କରିବାର ସାହସ ରଖିବା ଉଚିତ। ଅଶୋକ କୁମାର ମିଶ୍ର, ଭବାନୀ ଶଙ୍କର ପଟେଲ, ଓ ପ୍ରଦୀପ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସଭାପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ କବି ରତ୍ନମୟ ତ୍ରିପାଠୀ। ଏହି ସଭାରେ 'ରଚନା'ର ସଭାପତି ସନାତନ ଠାକୁର ଓ ସଦସ୍ୟ ସଦସ୍ୟାଙ୍କ ସହିତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ନାବାଳିକା ବନ୍ଧକ ଘଟଣା; ନିଦାବିଷ୍ଟ ସାଜିଛି ଶ୍ରମ ବିଭାଗ

**ବେଲପଡ଼ା, ୧୧ ।୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ସୁଲେକେଲା ଗାଁର ଦାଦନ ଶ୍ରମିକ ମୃତ୍ୟୁ ଏବଂ ନାବାଳିକା ବନ୍ଧକ ଘଟଣାକୁ ୮ ଦିନ ବିତିଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସ ପ୍ରଶାସନର ଆଖି ଦୃଶିଆ ପଦକ୍ଷେପ ଦେଖିବାକୁ ମିଳିନାହିଁ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦାଦନ ସର୍ଦ୍ଦାର ସମ୍ବାରୁ ବନ୍‌ଛୋର ଏବେ ବି ଖୋଲା ଖୋଲି ଭାବେ ବୁଲାବୁଲି କରୁଥିବାବେଳେ ତାକୁ ଗିରଫ କି ପଚାରାଉଚରା କରୁନାହିଁ ପୁଲିସ। ଅନ୍ୟପଟେ ସମ୍ପୃକ୍ତ ସର୍ଦ୍ଦାର ଜଣକ କେମିତି ଘଟଣାକୁ ଚାପିହେବ ଏବଂ ନିଜ ସୁରକ୍ଷିତ ରହିବେ ସେନେଇ ଭରପୁର ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ମୋଟା ଅଙ୍କର ଟଙ୍କା ଦେଇ ସମସ୍ତଙ୍କ ମୁହଁ ବନ୍ଦ କରିଦେଇଥିବା ଅଭିଯୋଗ ହେଉଛି। ବେଆଇନ ଭାବେ ଦାଦନ ଚାଲାଣ ହେଉଥିବାବେଳେ ନିଦାବିଷ୍ଟ ସାଜିଛି ଶ୍ରମ ବିଭାଗ। ସର୍ଦ୍ଦାରକୁ ବଞ୍ଚାଇବାକୁ ଯାଇ ନାବାଳିକା ଝିଅ ବନ୍ଧକ ନୁହେଁ ମାମୁଁ ଘରେ ଥିବା କଥା କହୁଛି। ଯାହାକୁ ନେଇ ତୀବ୍ର ବିରୋଧ କରୁଛନ୍ତି ଲକ୍ଷ୍ମୀପ୍ରିୟା। ମୋର ସ୍ୱାମୀ ମାରି ଯାଇଛନ୍ତି, ଏବେ ମୁଁ କ'ଣ କରିବି, ଜଣେ ନିରିହ ମହିଳାକୁ ନ୍ୟାୟ ଦେବା ବଦଳରେ କାହିଁକି ସର୍ଦ୍ଦାରଙ୍କୁ ବଞ୍ଚାଇବାକୁ ପୁଲିସ ଓ ଶ୍ରମ ବିଭାଗ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

ସୂଚନା ଅନୁସାରେ ଗତ ଜାନୁୟାରୀ ୪ ତାରିଖରେ ତୁରକେଲା ଥାନା ତେନ୍ତୁଳୀଖୁଣ୍ଟି ଗାଁର ଦାଦନ ସର୍ଦ୍ଦାର ସମ୍ବାରୁ ବନଛୋରଙ୍କ ଠାରୁ ୮୦ ହଜାର ଟଙ୍କା ବଇନା ନେଇ ବାହାର ରାଜ୍ୟ ତେଲେଙ୍ଗାନାର ସାତନଗର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ

**ଘଟଣା ଚାପିବାକୁ ଚାପ ପକାଉଛି ଦାଦନ ସର୍ଦ୍ଦାର**

ସୁଲେକେଲା ଗାଁର କାହ୍ନୁ ମଲିକ। ସାଙ୍ଗରେ ନିଜ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ଦିବ୍ୟାଙ୍ଗ ଝିଅ ଏବଂ ନାବାଳିକା ଅଙ୍କିତାକୁ ମଧ୍ୟ ନେଇଥିଲେ। ସେଠାରେ ୨ ମାସ ଧରି କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ କାହ୍ନୁ। ଇଟାଭାଟି ମାଲିକ ଶଙ୍କର ନାୟକ ଏବଂ ସର୍ଦ୍ଦାର ସମ୍ବାରୁ ବନଛୋର ନିର୍ଯାତନା ଏବଂ ଅତ୍ୟଧିକ କାମ ଯୋଗୁଁ ସମ୍ପୂର୍ଣ ଅସୁସ୍ଥ ହୋଇପଡ଼ିଲେ କାହ୍ନୁ। ଏନେଇ ସ୍ୱାମୀର ଚିକିତ୍ସା ପାଇଁ କହିବା ପରେ ମଧ୍ୟ କାହ୍ନୁର ଚିକିତ୍ସା କରି ନ ଥିଲା ମାଲିକ। ଘରକୁ ଆସିବାକୁ କହିବାପରେ ମଧ୍ୟ ଛାଡୁନଥିଲା। ଶେଷରେ କାହ୍ନୁର ସ୍ୱାସ୍ଥ୍ୟାବସ୍ଥା ସଙ୍ଗିନୀ ହେବାରୁ ନାବାଳିକା ଝିଅକୁ ବନ୍ଧକ ରଖି କାହ୍ନୁ, ସ୍ତ୍ରୀ ଓ ଦିବ୍ୟାଙ୍ଗ ଝିଅକୁ ଗାଁ କୁ ପଠାଇଦେଇଥିଲା ଇଟାଭାଟି ମାଲିକ। ଟଙ୍କା ପଠାଇବା ପରେ ଝିଅ କୁ ଛାଡିବି କହି ସେଠାରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିବାକୁ ନାବାଳିକା ଝିଅକୁ ରଖିଥିଲା ଇଟାଭାଟି ମାଲିକ। ନିଜ ଅସୁସ୍ଥ ସ୍ୱାମୀକୁ ଚିକିତ୍ସାକରୁଥିବା ସମୟରେ ମଧ୍ୟ ନିଜ ପାଖରେ ଥିବା ଜମି ବନ୍ଧକ ରଖି ସର୍ଦ୍ଦାର ପାଖରେ ୫୦ ହଜାର ଟଙ୍କା ପଠାଇଥିଲେ ଲକ୍ଷ୍ମୀ। ତା ପରେ ଝିଅକୁ ଛାଡ଼ି ନ ଥିଲା ସର୍ଦ୍ଦାର। ଆହୁରି ୩୦ ହଜାର ଟଙ୍କା ଦାବି କରିବାରୁ ଶେଷରେ ନାବାଳିକା ଝିଅକୁ ଝୁରି ଝୁରି ଜୀବନ ହାରି ଦେଇଥିଲେ ବାପା କାହ୍ନୁ। ପରେ ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଝିଅକୁ ଉଦ୍ଧାର କରିବାକୁ ପ୍ରଶାସନ ତତ୍ପରତା ଦିଆଖାଇଥିଲା। ଘଟଣା କୁ ୭ଦିନ ବିତିଯାଇଥିଲେ ବି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରୁନି ପୁଲିସ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଘରର ମୁରବି ସ୍ୱାମୀ ଚାଲି ଯାଇଥିବା ଏବେ ଅସହାୟ ହୋଇପଡ଼ିଛନ୍ତି ପତ୍ନୀ। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ନ୍ୟାୟ ଦେବାକୁ ଦାବି ହେଉଛି।

# ଆମ୍ବ, ଗେଣ୍ଡୁଫୁଲ ଓ ପରିବା ଚାଷକରି ଲାଭବାନ

ବଲାଙ୍ଗିର, ୧୧ ।୨(ସମିସ)

ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସର୍ବଦା ଉଦ୍ୟମ ଚଲାଇଆସିଛନ୍ତି। କୃଷି, ଉଦ୍ୟାନ ଓ ମିଶନ ଶକ୍ତି ଜରିଆରେ ସ୍ୱତନ୍ତ୍ର ଭାବେ ସହାୟତା ପ୍ରଦାନ

**ସଫଳ ମହିଳା ଚାଷୀ ସଭ୍ୟତା**

**ସରକାରୀ ଯୋଜନାର ସଫଳ ରୂପାୟନ**

କରି ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଆସୁଛନ୍ତି। ସରକାରଙ୍କ ଏହି ସହାୟତାକୁ ବିନିଯୋଗ କରି ଅନେକ ମହିଳାଚାଷୀ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଆଠଗାଁ ପଞ୍ଚାୟତ କାଲିଝରଣ ଗାଁର ମହିଳାଚାଷୀ ସଭ୍ୟତା ବିଶ୍ୱାଳ ସାମ୍ନାକୁ ଆସିଛନ୍ତି ଯିଏକି ସରକାରୀ ଯୋଜନା ଓ ସହାୟତାକୁ ସୁବିନିଯୋଗ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ପୁଇଁନ୍ତଲା ବ୍ଲକ ଆଠଗାଁ ପଞ୍ଚାୟତ କାଲିଝରଣ ଗାଁର ମହିଳା ଚାଷୀ ସଭ୍ୟତା ବିଶ୍ୱାଳ। ସ୍ୱାମୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ କିଛି ଦିନ ପୂର୍ବରୁ କ୍ରୀଡ଼ା ଶିକ୍ଷକ ଭାବେ ଅବସର ଗ୍ରହଣ



କରିଛନ୍ତି। ଅର୍ଥାଭାବ ନ ଥିବା ସତ୍ତ୍ୱେ ସେ ନିଜେ ସ୍ୱାବଲମ୍ବୀ ହେବା ପାଇଁ ଗତ କିଛି ବର୍ଷ ହେଲା ନିଜ ଜମିରେ ଚାଷକାମ କରିଆସୁଛନ୍ତି। କେବଳ ଚାଷ କରୁନାହାନ୍ତି ଦୁଇଟି ପରିବାରକୁ ମଧ୍ୟ ଫାର୍ମରେ ନିୟୋଜିତ କରି ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛନ୍ତି।

ସୂଚନା ଅନୁସାରେ ସଭ୍ୟତାଙ୍କ ୪ ଏକର ଜମି ରହିଛି। ଏହି ଚାରି ଏକର ଜମିରୁ ଏକ ଏକର ଜମିରେ ସରକାରୀ ଯୋଜନାରେ ଆମ୍ବଗଛ ଲଗାଇଛନ୍ତି। ଆମ୍ବଗଛ ବଡ଼ ହୋଇଥିବାବେଳେ ଗତ ବର୍ଷ ଅଳ୍ପ କିଛି ପରିମାଣର ଆମ୍ବ ଫଳିଥିଲା। ଚଳିତ ବର୍ଷ ମଧ୍ୟ ଆମ୍ବ ବଉଳ ଆସିଥିବାବେଳେ ଏହି ବର୍ଷ ଆମ୍ବ ବିକ୍ରି କରିବାକୁ ଯୋଜନା କରିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ଏହି ଆମ୍ବଗଛ ଲଗାଇବା ପାଇଁ ତାଙ୍କୁ ଏକ ଲକ୍ଷ ୪୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ୧୨୦ ଟି ଗଛ ଲଗାଇଥିବାବେଳେ ଭଲ ଦୁଇ ପଇସା ରୋଜଗାର ଆଶାରେ ରହିଛନ୍ତି ସଭ୍ୟତା ବିଶ୍ୱାଳ। ସେହିପରି ଆଉ ଏକ ଏକର ଜମିରେ ଗେଣ୍ଡୁଫୁଲ ଚାଷ କରିଛନ୍ତି। ଗତ ଚାରି ବର୍ଷ ହେଲା ନିଜ ଉଦ୍ୟମରେ ଏହି ଚାଷ କରିଆସୁଛନ୍ତି। ହଳଦିଆ ଓ ନାରଙ୍ଗି ରଙ୍ଗର ଗେଣ୍ଡୁଫୁଲ ହେଉଥିବା ବେଳେ ପ୍ରତିବର୍ଷ ଏଥିରେ ସେ ୪୦ ହଜାର ଟଙ୍କା ବିନିଯୋଗ କରନ୍ତି। ବାର୍ଷିକ ଏଥିରୁ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଲାଭ ମିଳିଥାଏ ବୋଲି ସେ କହିଛନ୍ତି। ଏହି ଫୁଲଗଛ ପାଇଁ ବୁନ୍ଦା ଜଳସେଚନ ବ୍ୟବସ୍ଥା ଉଦ୍ୟାନ ବିଭାଗ ସହାୟତାରୁ କରାଯାଇଛି। ବାକି ଆଉ ଅଧାରୁ ଏକ ଏକର ଜମିରେ ପରିବା ଚାଷ ମଧ୍ୟ କରନ୍ତି। ବାଇଗଣ ଓ ଟମାଟୋ ଚାଷ ଏହି ଜମିରେ କରୁଥିବା ବେଳେ ଏହାକୁ ମଧ୍ୟ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। ବାର୍ଷିକ ଏଥିପାଇଁ ୨୦ ହଜାର ଟଙ୍କା ସେ ବିନିଯୋଗ କରୁଥିବାବେଳେ ଏହାକୁ ବିକ୍ରିକରି ପ୍ରାୟ ୩୦ ରୁ ୪୦ ହଜାର ଟଙ୍କା ସେ ଲାଭ କରିଥାନ୍ତି। ଏହିଭଳି ଭାବେ ବିଭିନ୍ନ ପ୍ରକାର ଚାଷ କରି ନିଜ ଛୋଟ ଫାର୍ମରୁ ଭଲ ରୋଜଗାର କରୁଥିବା ବେଳେ ଦୁଇଟି ପରିବାରକୁ କାମରେ ଲଗାଇଛନ୍ତି। ଆଗକୁ ଗେଣ୍ଡୁଫୁଲ ଚାଷକୁ ଆହୁରି ବୃଦ୍ଧି କରିବାକୁ ସେ ଉଦ୍ୟମ କରୁଥିବା କହିଛନ୍ତି। ତେବେ ସରକାରୀ ସହାୟତାର ସୁବିନିଯୋଗ କରି ଲାଭବାନ ହେଉଥିବା ଚାଷୀ ମାନଙ୍କ ମଧ୍ୟରେ ସଭ୍ୟତା ବିଶ୍ୱାଳ ସ୍ୱତନ୍ତ୍ର ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି।

## ଜ୍ଞାନଭାରତୀ ମହାବିଦ୍ୟାଳୟର ପରିଚାଳନା କମିଟି ଗଠିତ

**ତୁରେକେଲା, ୧୧ ।୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ଜ୍ଞାନଭାରତୀ ଯୁକ୍ତଦୁଇ ବିଜ୍ଞାନ ରେସିଡେନସି ମହାବିଦ୍ୟାଳୟରେ ଏକ ପରିଚାଳନା କମିଟି ଗଠିତ ହୋଇଛି। ପରିଚାଳନା କମିଟି ସଭାପତି ଭାବେ ରାମମୋହନ ଦାସ, ସମ୍ପାଦକ ସ୍ମିତିମୟୀ ଦାସ, ସହ ସମ୍ପାଦକ ଫକୀରମୋହନ ଦାସଙ୍କୁ ଚୟନ କରାଯାଇଥିବାବେଳେ ଅମର ବାଗ, ସପ୍ତମ ବେହେରା, ଟିକେଲାଲ ଗହୀର, ଡ. ଙ୍ଗସେନ



ନାଗ, ସତ୍ୟଜିତ ସାହୁ, ସବିତା ସେଠ, ନକୁଳ ମାଝୀ, ଗଜନ୍ତି ମାଝୀ ଓ ସଞ୍ଜୀବ ମେହେରଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ କରାଯାଇଛି।

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କହ୍ନେଇଲାଲ ପାତ୍ର
(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)
ପାଲବଣୀ, ବାରିପଦା, ମୟୂରଭଞ୍ଜ
◆ ଆବିର୍ଭାବ: ୦୨.୧୦.୧୯୪୨ ◆ ତିରୋଧାନ: ୧୨.୦୨.୨୦୨୩
ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କେବେ ବି ଭୁଲି ପାରିବୁ ନାହିଁ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ଆରତୀ, ବଡପୁଅ-ବଡବୋହୂ: ଦେବାଶିଷ ଓ ଜ୍ୟୋତିର୍ମୟୀ, ସାନପୁଅ-ସାନବୋହୂ: ଆଶିଷ ଓ ଅଳକା, ପୁତୁରା-ପୁତୁରା ବୋହୂ: ଚନ୍ଦନ ଓ ଶିବାନୀ, ନାତି ଓ ନାତୁଣୀ: ନିଲ୍, ନିଷ୍ଠା, ମିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ।




# ଧରବଗଡ଼ ହାଇସ୍କୁଲରେ ପାନୀୟ ବ୍ୟବସ୍ଥା ଉଦ୍‌ଘାଟିତ

**ସଇଁତଲା, ୧୧ ।୨(ସମିସ):** ସଇଁତଲା ବ୍ଲକ ଧରବଗଡ଼ ଉଚ୍ଚ ବିଦ୍ୟାଳୟ ଠାରେ ବଡ଼ମାଳ ଗୋଲାବାରୁ କାରଖାନା ପକ୍ଷରୁ ବିଶୁଦ୍ଧ ଥଣ୍ଡା ପାନୀୟ ପ୍ରକଳ୍ପ ବ୍ୟବସ୍ଥା ଉଦ୍‌ଘାଟିତ ହଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅଥିତି ବଡ଼ମାଳ ଗୋଲାବାରୁ କାରଖାନାର ମୁଖ୍ୟ ମହା ପ୍ରବନ୍ଧକ ପ୍ରଦୀପ କୁମାର ଦାଶ, ଏଜି ଏମ, ପିଏଲ ଶେଖର, ଡିଜିଏମ ପ୍ରଭାସ ଭୋଇ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର କ୍ଷେତି ସଭା ପରିଚାଳନା



କରିଥିବାବେଳେ ଶିକ୍ଷକ ନୀଳମଣି ମେହେର, ଦିବ୍ୟଲୋଚନ ସେନାପତି, ଭବାନୀ ଶଙ୍କର ପତି, ପ୍ରତାପ ଚନ୍ଦ୍ର ଦାଶ ଆନନ୍ଦ, ମେହେର, ସଞ୍ଜୟ ଭୋଇ, ଚନ୍ଦ୍ରଶେଖର ବାବୁ ପ୍ରମୁଖ ସହଯୋଗ କରିଥିଲେ। ହିମାଂଶୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଚେତାବନୀ ସାହିତ୍ୟ ସଂସଦର ୩୬ତମ ପୁଷପୁନି ଭେଟ୍‌ଘାଟ୍

# 'ସାହିତ୍ୟ ପ୍ରାଣ ନେଇ ବଞ୍ଚିବା ହିଁ ପ୍ରକୃତ ଜୀବନ'

**କେସିଙ୍ଗା, ୧୧।୨(ସମିସ)**

ମନୁଷ୍ୟର ଚିନ୍ତା ଚେତନାକୁ ପରିଶୁଦ୍ଧ କରିବା ସହିତ ତାର ଚିନ୍ତାଧାରାକୁ ସକାରାତ୍ମକ କରି ସମାଜରେ ସଂସ୍କାର ଆଣିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡିର କେସିଙ୍ଗା ସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚେତାବନୀ ସାହିତ୍ୟ ସଂସଦର ୩୬ ତମ ପୁଷପୁନି ଭେଟଘାଟ, ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ଓ ଲେଖକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଂସ୍କୃତି ସଙ୍ଗଠକ ଜୟନ୍ତ ବେହେରା ଉଦ୍‌ଘାଟନ କରି କଳାହାଣ୍ଡିକୁ କଳାର କଳସ ଭାବରେ ଅଭିବ୍ୟକ୍ତ କରି ଏହି ଜିଲ୍ଲାର ପ୍ରାଚୀନ କଳା ଓ ସଂସ୍କୃତି ଅତି ମହାନ ବୋଲି ବିଭିନ୍ନ ଦୃଷ୍ଟିରୁ ବ୍ୟାଖ୍ୟା କରିଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭୁବନେଶ୍ୱରର ବିଶିଷ୍ଟ କଥାକାର ଡ ଯଶୋବନ୍ତ ସାମଲ, ଡ. ପ୍ରୀତିଧାରା ସାମଲ, କେସିଙ୍ଗା ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ, ପରମେଶ୍ୱର ମୁଣ୍ଡ, ନିରୋଜ ପଟ୍ଟନାୟକ ଓ ସାହିତ୍ୟିକ ବୈଷ୍ଣବ ଚରଣ ସାହା ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ବରେଣ୍ୟ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ଯୁଗଳ କିଶୋର ଷଡ଼ଙ୍ଗୀ, ସୁକାନ୍ତ ସାହୁ, ମୁକୁଲ ମିଶ୍ର, ପଦ୍ମାଳୟା ସାମଲ, ମଞ୍ଜୁ ମେଧା ଗୁରୁ, ନର୍ମଦା ନିଲୋପ୍ରଳା ଓ ପୁଣ୍ୟଦିପା ଖମାରୀ ପ୍ରମୁଖ ଉପସ୍ଥିତ ରହି 'ଆମ କବି ଆମ କବିତା' ଅନ୍ତାକ୍ଷରୀ




ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ପର୍ବରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ଡ ପ୍ରଦୀପ କୁମାର ପଣ୍ଡା, ଡାକ୍ତର ହେମସାଗର ସାହା, ଚେତାବନୀ ସାହିତ୍ୟ ସଂସଦର ସଭାପତି ଯାଜ୍ଞସେନୀ ସାହା, ଡ ସେନାପତି ପ୍ରଦ୍ୟୁମ୍ନ କେଶରୀ, ସମ୍ପାଦକ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୌରାଙ୍ଗ ସାହୁ ଓ ଚେତାବନୀ ସାହିତ୍ୟ ସାଂସଦର ଉପ ସଭାପତି ରମେଶ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ମାନ ୨୦୨୩ରେ ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନରେ ସମ୍ବଲପୁରର ଡ ପ୍ରଦୀପ କୁମାର ପଣ୍ଡା, ଚେତାବନୀ ଶିକ୍ଷା ସମ୍ମାନରେ ଡ଼ ସଞ୍ଜୟ କୁମାର ଶତପଥୀ, ଚେତାବନୀ ପ୍ରଜ୍ଞା ସମ୍ମାନ ( କଥା ସାହିତ୍ୟ)ରେ କେନ୍ଦ୍ରାପଡ଼ାର ଡ଼ ଯଶୋବନ୍ତ ସାମଲ, ଚେତାବନୀ ପ୍ରଜ୍ଞା ସମ୍ମାନ (କାବ୍ୟ କବିତା)ରେ କୋରାପୁଟର ଡ. ପ୍ରୀତିଧାରା ସାମଲ, ଚେତାବନୀ ପ୍ରଜ୍ଞା ସମ୍ମାନ (ପ୍ରବନ୍ଧ ସାହିତ୍ୟ) ରେ କଳାହାଣ୍ଡିର ପରମେଶ୍ୱର ମୁଣ୍ଡ, କବି ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନରେ ବଲାଙ୍ଗୀରର ମୁକୁଳ ମିଶ୍ର, କବି ପାର୍ଥ ବିଶି କିଶୋର ସାହିତ୍ୟ ସମ୍ମାନରେ ପାଟଣାଗଡ଼ର ସୁଶ୍ରୀ ସବିତା ଭୋଇ ସମ୍ମାନିତ ହୋଇଥିଲେ। ସେହିପରି କବି ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ ଲାଞ୍ଜିଗଡ଼ର ସୁଶିଲ କୁମାର ବାଗ, ଚେତାବନୀ ସେବା ସମ୍ମାନରେ ନର୍ଲାର ପବିତ୍ର ଶବର ଓ ଚେତାବନୀ ସୁହୃଦ ସମ୍ମାନରେ ଡ଼ ସେନାପତି ପ୍ରଦ୍ୟୁମ୍ନ କେଶରୀ ପ୍ରମୁଖ ସମ୍ମାନିତ ହୋଇଥିବା ବେଳେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ପ୍ରାପ୍ତ ଡିଲେଶ୍ୱର ରଣା ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତକଣ୍ଠ ଶିଳ୍ପୀ ବିରଞ୍ଚି ନାରାୟଣ ବାହିନୀପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନୀ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଙ୍ଗଠନିକ ସମ୍ପାଦକ ଯାଜବେନ୍ଦ୍ର ସାହା, ସହ ସମ୍ପାଦକ ସଂଯୁକ୍ତା ପାଢ଼ୀ, କୋଷାଧ୍ୟକ୍ଷ ଡମ୍ବରୁଧର ଭୋଇ, ରୁବି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ୧୩ରେ ସାନ୍ଦୁଲ ବ୍ୟାରେଜ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

# ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ମ.ରାମପୁର, ୧୧।୨(ସମିସ):** ଆସନ୍ତା ୧୩ ତାରିଖ ଦିନ ବହୁ ପ୍ରତୀକ୍ଷିତ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଡୁଟାଠାରେ ନିର୍ମାଣ ହୋଇଥିବା ସାନ୍ଦୁଲ ବ୍ୟାରେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଲୋକାର୍ପଣ ଉତ୍ସବ ଆଭାସୀ ମାଧ୍ୟମରେ ହେବାକୁ ଥିବା ବେଳେ ଏଥିପାଇଁ ଯୋରସୋରରେ ପ୍ରସ୍ତୁତି ଚାଲିଛି। ନର୍ଲା ବିଧାୟକ ଭୂପିନ୍ଦର ସିଂହ ଡୁଟାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କିଭଳି ସେଠାରେ ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମ.ରାମପୁର ବ୍ଲକ ବିଜୁ ଜନତା ଦଳ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ଯୁବ ନେତା ରମେଶ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତେଇ ଜଳସେଚନ ମୁଖ୍ୟଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି ଏହି ବ୍ୟାରେଜ ଦ୍ୱାରା ନରଲା, କରଲାମୁଣ୍ଡା, କେସିଙ୍ଗା, ମ.ରାମପୁର ଅଞ୍ଚଳର ଚାଷୀମାନେ ଉପକୃତ ହେବେ।



### ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବଗାଡ଼କୁ ହରାଇ ସିନ୍ଦକାଗୁଡା ଚାମ୍ପିଅନ୍



**କୋକସରା, ୧୧।୨(ସମିସ) :** କୋକସରା ବ୍ଲକ ଖୁର୍ସେଲଗୁଡା ବସ୍ତରେନ୍ ମାଉଳୀ କ୍ଲବ୍ ଆନୁକୂଲ୍ୟରେ କୁଲେରଗୁଡା ସିନାପଡ଼ା ଖେଳ ପଡ଼ିଆରେ ଗତ ୭ଦିନ ଧରି ଚାଲିଥିବା ମା' ବସ୍ତରେନ ମାଉଳୀ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳଟି ବଗାଡ଼କୁ ଓ ସିନ୍ଦକାଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ କିଏ କାହାରିକୁ ଗୋଲ୍ କରି ପାରି ନଥିଲେ। ପରେ ଟାଇବ୍ରେକରେ ବଗାଡ଼କୁ ହରାଇ ସିନ୍ଦକାଗୁଡା ଦଳ ଚାମ୍ପିଅନ୍ ହୋଇଛି। ଖେଳଶିକ୍ଷକ ତାପସ ଦାସ ଖେଳ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ଜାଲ ଓ ଚନ୍ଦ୍ର ମୋହନ ପୁଝାରୀ ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ମଧୁ ମହାନ୍ତି ମୁଖ୍ୟଅତିଥି, ରାମଚନ୍ଦ୍ର ପାଣିଗ୍ରାହୀ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ୱାର୍ଡ଼ ସଭ୍ୟ କେଶରୀ ପୁଝାରୀ, ରାଏମଲ ବେହେରା, ସରସ୍ୱତୀ ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ଲିଙ୍ଗରାଜ ଲଦୁଆ, ସଭାପତି ଈଶ୍ୱର ବେହେରା, ସମ୍ପାଦକ ଶ୍ୟାମସୁନ୍ଦର ପାଲି, ସହ ସମ୍ପାଦକ କୈଳାସ ବେହେରା, ଉପ ସଭାପତି ସୁରେନ୍ଦ୍ର ପାଲି, କୋକିଲ ପରାଭୋଏ, ଉପେନ୍ଦ୍ର ବେହେରା, ପ୍ରେମ ପାଲି, କସ୍ତୁରୀ ଲଦୁଆ, ସୂର୍ଯ୍ୟ ବେହେରା, ଲକ୍ଷ୍ମୀକାନ୍ତ ପୁଝାରୀ, ନିଳକଣ୍ଠ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ଟେଲରିଂ ସେଣ୍ଟରର ଉଦ୍‌ଘାଟିତ

**ସିନାପାଲି, ୧୧।୨ (ସମିସ):** ସିନାପାଲି ବ୍ଲକ ନୀଳଜୀଠାରେ ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ଟେଲରିଙ୍ଗ ସେଣ୍ଟର ଶୁଭ ଉଦଘାଟିତ ହୋଇଯାଇଛି। ଗତବର୍ଷ ନାବାର୍ଡ ସଂଗଠନର ପ୍ରାୟୋଜିତ ସ୍ୱେଚ୍ଛାସେବୀ ସଂଗଠନ ଭରଷା ଆନୁକୂଲ୍ୟରେ ଇପିଡ଼ିପି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୨୫ ଜଣ ମହିଳାଙ୍କୁ ନେଇ ଏକ ଟେଲରିଙ୍ଗ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଏକ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି। ସେମାନଙ୍କ ପାଇଁ ଏକ ଟେଲରିଙ୍ଗ ସେଣ୍ଟର ଖୋଲାଯାଇ ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ଟେଲରିଙ୍ଗ ସେଣ୍ଟର ନାମରେ ଉଦଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡା ନାବାର୍ଡ ଅଧିକାରୀ ସୁନାରାମ ମାଝୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମଣ ପ୍ରଧାନ, ବିପିଏମ ଶରତଚନ୍ଦ୍ର ଦୀପ, ଭରସା ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଛତ୍ରଧର ଦଣ୍ଡସେନା, ତୁଳାରାମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



# ଏସ୍‌ସି ସମାଜର ବୁଦ୍ଧିଜୀବୀ ସମ୍ମିଳନୀ

**ଭବାନୀପାଟଣା, ୧୧।୨(ସମିସ):** ଭବାନୀପାଟଣା ଆମ୍ବେଦକର ଭବନଠାରେ ରବିବାର କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ, ତିନୋଟି ଏନ୍‌ଏସି, ଗୋଟିଏ ମ୍ୟୁନିସିପାଲିଟିର ଏସ୍‌ସି ସମାଜର ବଛା ବଛା କିଛି ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ଭାରତୀଙ୍କ ସଭାପତିତ୍ୱରେ ଅନ୍ୟତମ ଉପଦେଷ୍ଟା ମୁକୁନ୍ଦ ନିଆଲ ସଭା ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ସମସ୍ତେ ଏକତ୍ରିତ ହୋଇ ସମାଜକୁ ସାମାଜିକ, ଆର୍ଥିକ, ରାଜନୈତିକ ବିକାଶ କରିବା ପାଇଁ ସମସ୍ତେ ଦୃଢ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡରେସନର ଉପଦେଷ୍ଟା ରାମସ୍ୱାମୀ ନାଏକ, ଦୟାନିଧି ବାଗ, ବିଜୟ ରାଜ ଶିକ୍ଷା, ପ୍ରେମାନନ୍ଦ ବାଗ, ସୁବାସ ନିଆଲ, ଯୋଗେଶ୍ୱର ସାଗର, ଶତ୍ରୁଘ୍ନ ନାଏକ, ସଭାପତି ଧନଞ୍ଜୟ ଦୀପ୍, ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, ଜୟ ପ୍ରକାଶ ଜାଲ, ଦୟାନିଧି ନିଆଲ, ସାମନ୍ତ ଦୁର୍ଗା, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ଜୁନାଗଡ଼ ସଭାପତି ମହାଦେବ ବାଗ, ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ୍, ନୀତିନ୍ ବାଗ, ସେନାପତି ନାଏକ, ଧବଳେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ରାଜ୍ୟ ପାରାବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ଚାମ୍ପିଅନ ହେଲେ କଳାହାଣ୍ଡି ପୁଅ ଆକାଶ ରଞ୍ଜନ

**ଭବାନୀପାଟଣା, ୧୧।୨(ସମିସ):** ଓଡ଼ିଶା ରାଜ୍ୟ ରେଙ୍କିଙ୍ଗ ପାରା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ୨୦୨୪ ରେ ଏସ୍‌ଏଲ୍-୩ ବର୍ଗ ଜିତି କଳାହାଣ୍ଡିର ଆକାଶ ରଞ୍ଜନ ମୁଣ୍ଡ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଉଡାନ୍ ସ୍ପୋର୍ଟସ୍ ଏକାଡେମୀ ଭୁବନେଶ୍ୱର ଓ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ରୀଡ଼ା ଜଗତର ଅନେକ ବ୍ୟକ୍ତିତ୍ୱଙ୍କ ସମେତ ରୋଟାରୀ ଇଣ୍ଟରନେସନାଲ୍ ସଭାପତି କାର୍ଯ୍ୟକ୍ରମର ସଭାପତି ଗର୍ଡ଼ନ୍ ଆର୍ ମ୍ୟାକନେଲି, କାର୍ଯ୍ୟକ୍ରମର ସଭାପତି ରସାନନ୍ଦ ରାଉତ ଓ ସମ୍ପାଦକ ଅନାଦି ଚରଣ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଶିବ ପ୍ରସାଦ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତର୍ଜାତୀୟ ସ୍ତରରେ ଉତ୍ତମ ପ୍ରଦର୍ଶନ ପାଇଁ ଆକାଶଙ୍କୁ ଅଧିକ କୋଚିଂର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ପିଲାବେଳୁ ଆକାଶଙ୍କ ଗୋଡ଼ ନଥିବା ବେଳେ ସେ କୃତ୍ରିମ ଅଙ୍ଗ ବ୍ୟବହାର କରିଆସୁଛନ୍ତି। ନିଜ ପ୍ରଦର୍ଶନ ପାଇଁ ସେ ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କ ସମେତ ପ୍ରସିଦ୍ଧ ବ୍ୟକ୍ତିଙ୍କ ଠାରୁ ପ୍ରଶଂସିତ ହୋଇଛନ୍ତି। ଆକାଶଙ୍କ ବିଜୟ କେବଳ ତାଙ୍କ ପ୍ରତିଭାର ପ୍ରଦର୍ଶନ ନୁହେଁ, ବରଂ ଓଡ଼ିଶାରେ ପାରା-ଆଥଲେଟ୍ସମାନଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିଛି। ସେ ଅନେକ ଭିନ୍ନକ୍ଷମ ଆଥଲେଟ୍ସମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିବା ସହ ସେମାନଙ୍କୁ ସଂଘର୍ଷ ପାଇଁ ପ୍ରେରଣା ଯୋଗାଇଛନ୍ତି। ଓଡ଼ିଶା ରାଜ୍ୟ ପାରା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ୨୦୨୪ ମାଧ୍ୟମରେ ଆୟୋଜକ ଓ ସହଯୋଗୀମାନେ ଭିନ୍ନକ୍ଷମ କ୍ରୀଡାକୁ ପ୍ରୋତ୍ସାହିତ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛନ୍ତି। ପରିବର୍ତ୍ତିତ କ୍ରୀଡା ଦୃଶ୍ୟପଟ୍ଟରେ ସମସ୍ତ ଦକ୍ଷତାର ଆଥଲେଟ୍‌ମାନଙ୍କୁ ସୁଯୋଗ ଦେବା ସହ ବିବିଧତା ଓ ଅନ୍ତର୍ଭୂକ୍ତି ସହ ପରିଚିତ କରାଇବାରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତାହାକୁ କ୍ରୀଡ଼ା ମହଲରେ ସ୍ୱାଗତ କରାଯାଇଛି। ତେବେ ଏହି ଅବସରରେ ବୈଜ୍ଞାନିକ ଡ଼ ବିଜୟ କୁମାର ସାହୁ, ସାଂସଦ ସୁଜିତ କୁମାର, ପୂର୍ବତନ ନଗରପାଳ ମାଣିକ୍ୟ ଚାନ୍ଦ ଅଗ୍ରୱାଲ, ଲଡୁଗାଁ କଲେଜ ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




### ତେରେସିଂହା କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଲଇତରାକୁ ପରାସ୍ତ କରି ଡଙ୍ଗାପଟା ଚାମ୍ପିଅନ

**କର୍ଲାମୁଣ୍ଡା, ୧୧।୨(ସମିସ)**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଦେିତାରୀ ମେମୋରିଆଲ୍ ଗେମ୍ସ ଏଣ୍ଡ ସ୍ପୋର୍ଟସ୍ ଏସୋସିଏସନ୍ ଆନୁକୂଲ୍ୟରେ ୨୩ତମ ତେରେସିଂହା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଲଇତରା ବନାମ ଡଙ୍ଗାପଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଉଭୟ ଦଳ ୧-୧ ଗୋଲ ସ୍କୋର କରିବାରେ ମ୍ୟାଚ ଅମୀମାଂସିତ ରହିଥିଲା। ଟାଇବ୍ରେକର ସହାୟତାରେ ଡଙ୍ଗାପଟା ଦଳ ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ତେରେସିଂହା ପିରବତୀ ମହିଳା କଲେଜର ପ୍ରତିଷ୍ଠାତା ତଥା ସମାଜସେବୀ ମୂରଲୀଧର ରଣା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ସାହୁ, ଡାହିମାଳ ସିଆରସିସି ପ୍ରହଲ୍ଲାଦ ଦଣ୍ଡସେନା, ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, ଅବସରପ୍ରାପ୍ତ ଶିକ୍ଷକ ସୁବିନ୍ଦ୍ର ରଣା, ଶିକ୍ଷକ ନୀଳମଣି ଗହୀର, ସିଆରସିସି ମଧୁସୂଦନ ଧରୁଆ, ସମାଜସେବୀ ଲିପୁନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଭାପତି କିଶୋର ଚନ୍ଦ୍ର ନାଏକ ଓ ସମ୍ପାଦକ ରଶ୍ମି ରଞ୍ଜନ ରଣାଙ୍କ ନେତୃତ୍ୱରେ କମିଟି ସଦସ୍ୟ ତପନ ମାଝୀ, ବୁଲୁ ରଣା, ଅରୁଣ ରଣା, ସଞ୍ଜୟ ନାଏକ, ଛବିଳ ନାଏକ, ନିର୍ମଳ ରଣା, ଦେବାଶିଷ ନାଏକ, ମୁନା ବେବର୍ତ୍ତା, ସୁଶାନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚକୁ ଚଞ୍ଚଳ ମାଝୀ ପରିଚାଳନା କରିଥିବା ବେଳେ ବିଶେଶ୍ୱର ପ୍ରଧାନ ଓ ବୁଲୁ ମାଝୀ ସହଯୋଗ କରିଥିଲେ।






# ଜଗା ଦର୍ଶନ ପାଇଁ କେସିଙ୍ଗାରୁ ୭୬୦ ଶ୍ରଦ୍ଧାଳୁ ଗଲେ ଶ୍ରୀକ୍ଷେତ୍ର



**କେସିଙ୍ଗା, ୧୧।୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଜଗା ଦର୍ଶନ ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଓ ଏନ୍ଏସିରୁ ସମୁଦାୟ ୭୬୦ ଜଣ ଶ୍ରଦ୍ଧାଳୁ ରବିବାର ସକାଳେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। କେସିଙ୍ଗାର ୨୬ଟି ଗ୍ରାମ ପଞ୍ଚାୟତରୁ ୫୨୦ ଜଣ ଏବଂ କେସିଙ୍ଗା ଏନ୍ଏସିର ୧୨ଟି ୱାର୍ଡରୁ ୨୪୦ ଜଣ ଶ୍ରଦ୍ଧାଳୁ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ୨୦ଟି ବସରେ ଯାତ୍ରା କରିଛନ୍ତି। ସୋମବାର ଜଗା ଦର୍ଶନ କରି ରାତିରେ ପୁଣି ବସରେ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିବେ। ଶ୍ରଦ୍ଧାଳୁଙ୍କ ବସକୁ ବିଡ଼ିଓ ପଦ୍ମନାଭ ପୁରୋହିତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡ଼ିଓ ସିଦ୍ଧେଶ୍ୱର ମେହେର, ଜିପିଇଓ ଲମ୍ବୋଦର ସାହ୍ନାଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ। ସେହିପରି ଏନ୍ଏସିର ୬ଟି ଗାଡ଼ିକୁ ନଗରପାଳ ନୃପରାଜ ଯାଦବ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରାଇଥିଲେ।

## ସ୍ୱପ୍ନ ଓ ବାସ୍ତବତାର ଦୋଛକିରେ 'ବସୁଧା'

# ଆଗକୁ ଗ୍ରୀଷ୍ମ, ଜଳସଙ୍କଟ ଆଶଙ୍କା

**କୋକସରା, ୧୧।୨(ସମିସ)**

ଚଳିତ ବର୍ଷ ଫେବୃଆରୀ ମାସର ପ୍ରଥମ ସପ୍ତାହରୁ ତାତି ଅନୁଭୂତି ହେଉଥିବା ବେଳେ କୋକସରା ବ୍ଲକରେ ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ ଦେଖାଦେବା ଆଶଙ୍କା କରାଯାଇଛି। ପ୍ରତି ବର୍ଷ ଗ୍ରୀଷ୍ମ ଆରମ୍ଭରୁ ବ୍ଲକର ବିଭିନ୍ନ ଗ୍ରାମରେ ଉତ୍କଟ ଜଳ ସମସ୍ୟା ଦେଖା ଦେଇଥାଏ। ଏଥିପାଇଁ ଜନସାଧାରଣ ରାଜରାସ୍ତାକୁ ମଧ୍ୟ ଓହ୍ଲାଇ ଥାଆନ୍ତି। ଅଧିକାଂଶ ସ୍ଥାନରେ ଥିବା ଓଭରହେଡ୍ ପାଣି ଟାଙ୍କି କାମକୁ ଆସୁନାହିଁ। କେତେକ ସ୍ଥାନରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଅଧପନ୍ତରିଆ ଭାବେ ପଡ଼ିରହିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୋକସରା ବ୍ଲକର ୨୨ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଏକାଧିକ ଓଭରହେଡ୍ ପାଣି ଟାଙ୍କି ଦୀର୍ଘ ବର୍ଷରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲେ ହେଁ ନିମ୍ନମାନର କାର୍ଯ୍ୟ ଯୋଗୁଁ ପ୍ରକଳ୍ପ ଆରମ୍ଭରୁ ପାଣି ସବୁ ବୋହି ଯାଉଥିବା ଦେଖାଯାଉଛି। ଏମିତି କି ଅନେକ ସ୍ଥାନରେ ମାସ ମାସ, ବର୍ଷ ବର୍ଷ ବିତିଗଲେ ସୁଦ୍ଧା ପାଣି ଆସିବାର ନାଁ ଗନ୍ଧ ନାହିଁ। ଯାହାଫଳରେ ଲୋକେ ପାଣି ମୁନ୍ଦାଏ ପାଇପାରୁ ବଞ୍ଚିତ ହେଉଛନ୍ତି। କୋକସରା ବ୍ଲକର ଜନସଂଖ୍ୟା ହାରାହାରି ୧.୫୦ ଲକ୍ଷରୁ ଉର୍ଦ୍ଧ୍ୱ ରହିଥିବା ବେଳେ ସେମାନଙ୍କ ପାନୀୟ ଜଳ ବ୍ୟବହାର ନିମନ୍ତେ ୧୮୦୪ ନଳକୂପ ଓ



୭୧ଟି ସୋଲାର ପାନୀୟ ଜଳପ୍ରକଳ୍ପ ରହିଛି। ତନ୍ମଧ୍ୟରୁ ୨୯ଟି ଅକାମି ରହିଛି। ସେହିପରି ଓଭରହେଡ, ଇନଟେଙ୍କ୍, ଓଜେଆର ଓ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ମିଶି ୯୩ଟି ରହିଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ବିଭାଗୀୟ ଅବହେଳା ଯୋଗୁଁ ବ୍ଲକର ଏକାଧିକ ସ୍ଥାନରେ ଥିବା ଓଭରହେଡ୍ ପାଣି ଟାଙ୍କି ଦୀର୍ଘ ଦିନରୁ ଅଚଳ ହୋଇପଡ଼ିଛି। ଅନେକ ସ୍ଥାନରେ ପ୍ରକଳ୍ପ ଆରମ୍ଭରୁ ଅକାମି ହୋଇ ରହିଯାଇଛି। ଏନେଇ ବିଭିନ୍ନ ଗ୍ରାମର ଜନସାଧାରଣ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ ଅଚଳ ଅବସ୍ଥାରେ ପଡ଼ିଥିବା ପାଣି ଟାଙ୍କି ସମସ୍ୟାକୁ ସମାଧାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଯାହା ଫଳରେ ବର୍ଷ ବର୍ଷ ଧରି କୋକସରା ଅଞ୍ଚଳବାସୀ ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଳକଷ୍ଟ ଭୋଗି ଆସୁଥିବାବେଳେ ସ୍ୱପ୍ନ ଓ ବାସ୍ତବତାର ଦୋଛକିରେ ରହି ଯାଇଛି 'ବସୁଧା' ଯୋଜନା। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକର ମୋଟେର ପଞ୍ଚାୟତ ଖୁଟୁଲୁଗୁଡ଼ାଠାରେ ପାନୀୟ ଜଳ ଯୋଗାଣ ନିମନ୍ତେ ବହୁମୁଖୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୨୨ଟି ପଞ୍ଚାୟତର ୬୯ ଗ୍ରାମର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ହେଲେ କେବେ ଏହାର କାର୍ଯ୍ୟ ଶେଷ ହେବ ସେନେଇ କୌଣସି ସଠିକ୍ ସୂଚନା ନ ଥିବା ବେଳେ ତାହାକୁ ଆଳ କରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀମାନେ ଅଚଳ ହୋଇଥିବା ଓଭର ହେଡ୍ ପାଣି ଟାଙ୍କି ଓ ସୋଲାର ପାନୀୟ ଜଳ ପ୍ରକଳ୍ପ ସମସ୍ୟାକୁ ସମାଧାନ କରିବା ଦିଗରେ ଆଦୌ ଗୁରୁତ୍ୱ ଦେଉ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଚଳିତବର୍ଷ ଖରା ଦିନ ଆରମ୍ଭରୁ ଜଳ ସମସ୍ୟାର ସମାଧାନ ପ୍ରତିଦୃଷ୍ଟି ନ ଦେଲେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ କୋକସରା ବ୍ଲକରେ ଉତ୍କଟ ଜଳ ସମସ୍ୟା ଦେଖାଦେବ ଏଥିରେ କୌଣସି ସନ୍ଦେହ ନାହିଁ। ପାଣିର ଅପଚୟ ଓ ବିଭାଗୀୟ କର୍ମଚାରୀମାନଙ୍କ ଅବହେଳା ସମାଧାନ ହେଲେ ସରକାରଙ୍କ 'ବସୁଧା' ଯୋଜନାର ଲାଭ ଉଠାଇ ପାରିବେ ଲୋକେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ପକ୍ଷରୁ। ଦାବି ହୋଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଯଶୋବନ୍ତୀ ଭୋଇ ପ୍ରତିକ୍ରିୟାରେ କହିଛନ୍ତି ଯେ ଅଚଳ ଓଭରହେଡ୍ ଟାଙ୍କି ଗୁଡ଼ିକୁ ଖରାଦିନ ପୂର୍ବରୁ ସଚଳ କରାଯିବା ପାଇଁ ପ୍ରଚେଷ୍ଟା କରାଯିବ। ଯେଉଁଠି ତୀବ୍ର ଜଳକଷ୍ଟ ଦେଖା ଦେବ ସେଠାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି।

# ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ସେରଗଡ଼ ଜଗନ୍ନାଥ ମନ୍ଦିର ପରିଦର୍ଶନ



**ନର୍ଲା, ୧୧।୨(ସମିସ):** ନର୍ଲା ବ୍ଲକ ସେରଗଡ଼ ଗ୍ରାମର ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ପରିଦର୍ଶନ କରିଛନ୍ତି ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟ ନାରାୟଣ ରଥଶର୍ମା। ଏହି ଭବ୍ୟ ମନ୍ଦିରକୁ ଦର୍ଶନ କରିବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି। ସେରଗଡ଼ ଗ୍ରାମବାସୀ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ନବୀକରଣରେ ୧୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମନ୍ଦିର ଓ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ପାଇଁ ଗ୍ରାମବାସୀ ଅପ୍ରେଲ ୧ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ଏହି ଦିନ ପ୍ରଭୁ ଜଗନ୍ନାଥଙ୍କ ପରମସେବକ ସୂର୍ଯ୍ୟ ନାରାୟଣ ରଥ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଦିକ ବିଧିବିଧାନ ସହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପରିଚାଳନା କମିଟିର ସଭାପତି ମାଧବ ନାଏକ, ପ୍ରେମଲାଲ ପଣ୍ଡା, ଅଗସ୍ତି ଭୋଇ, ପଞ୍ଚାନନ ଭୋଇ, ଚକ୍ରଧର ଭୋଇ, ବିମଳ ସାହୁ, ଭୁବନେ ମାଝୀ, ମକାରୁ ମାଝୀ, ନାରାୟଣ ରଣା, ଗଙ୍ଗାଧର ସାହୁ ପ୍ରମୁଖଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ପ୍ରକାଶ।

● ମୁଣ୍ଡ ପରାଶର ପରିବାରର ମହାସମାବେଶ

# 'ସମ୍ପର୍କ, ସଙ୍ଗଠନ ଓ ସମ୍ପୃକ୍ତି ରାଷ୍ଟ୍ରର ସଂସ୍କୃତିକୁ ଋଦ୍ଧିମନ୍ତ କରେ'



**ଭବାନୀପାଟଣା, ୧୧।୨(ସମିସ):** ସମ୍ପର୍କ, ସଂଗଠନ ଓ ସମ୍ପୃକ୍ତି ଏକ ସମାଜ ତଥା ରାଷ୍ଟ୍ରର ସଂସ୍କୃତିକୁ ବିଶ୍ୱମୁହାଁ କରିଥାଏ। ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ କାର୍ଯ୍ୟକଲେ ସଫଳତା ମିଳେ ବୋଲି ରିଷିଗାଁଠାରେ ଆୟୋଜିତ ମୁଣ୍ଡ ପରାଶର ପରିବାର ତରଫରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହାସମାବେଶ ଅବସରରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ଡ. ଅଶୋକ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ସୁରେଶ ଚନ୍ଦ୍ର ମୁଣ୍ଡ, ଜଗଦୀଶ୍ୱର ମୁଣ୍ଡ, ସନତ କୁମାର ମୁଣ୍ଡ, ଭାରତ ଭୂଷଣ ମୁଣ୍ଡ, ମଳୟ କୁମାର ମୁଣ୍ଡ ଓ ଜଗନ୍ନାଥ ମୁଣ୍ଡ ମଞ୍ଚାସୀନ ହୋଇ 'ଦେଶ, ଜାତି ଓ ସମାଜ ପାଇଁ ସଙ୍ଗଠନର ଭୂମିକା' ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହର୍ଷି ପରାଶର ଓ ମା' ମାଣିକେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ସହ ଦିବଂଗତ ଆତ୍ମାଙ୍କ ସଦଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ହରିଶ୍ଚନ୍ଦ୍ର ମୁଣ୍ଡଙ୍କ ପରିଚାଳନା ଓ ପ୍ରତାପଚନ୍ଦ୍ର ମୁଣ୍ଡଙ୍କ ଗୀତକୁ ପରାଶର ପରିବାରର ଶିଳ୍ପୀଗଣ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କଳାହାଣ୍ଡି ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ମୁଣ୍ଡ ସମ୍ପାଦକୀୟ ଓ ଅର୍ଥ କମିଟି ମୁଖ୍ୟ ଦୀନବନ୍ଧୁ ମୁଣ୍ଡ ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ପରିବାରର ୮୦ ବର୍ଷରୁ ଉର୍ଦ୍ଧ୍ୱ ଗୁରୁଜନ ଓ ସାଙ୍ଗଠନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ହେମନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା ଓ ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର ମୁଣ୍ଡ, ସୁଜଳଦେବ ମୁଣ୍ଡ, ସୁଧୀର ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ମୁଣ୍ଡ ପରାଶର ପରିବାରର କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମୁଣ୍ଡ ପରାଶର ବଂଶାବଳୀ ପ୍ରସ୍ତୁତ ତଥା ସାଙ୍ଗଠନିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସଦସ୍ୟ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପଡୋଶୀ ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଓ ସୋନପୁର ଜିଲ୍ଲାରୁ ୧୦୦୦ ପରିବାରର ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ସ୍ୱାସ୍ଥ୍ୟ ଶିବିର



**ଭବାନୀପାଟଣା, ୧୧।୨(ସମିସ):** ଜବାହର ନବୋଦୟ ବିଦ୍ୟାଳୟଠାରେ ପୁରାତନ ଛାତ୍ର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନବୋଦୟରେ ପାଠ ପଢ଼ି ପରେ ଜଣେ ଜଣେ ଡାକ୍ତର ହେଇଥିବା କେତେଜଣ ଛାତ୍ର ମିଶି ଏହି ସ୍ୱାସ୍ଥ୍ୟ ଶିବିରକୁ ଆୟୋଜନ କରିଥିଲେ। ମୋଟ ୧୦ ଜଣ ଡାକ୍ତର ଏହି ଶିବିରରେ ଭାଗ ନେଇ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଥିମଧ୍ୟରେ କୋରାପୁଟ ମେଡିକାଲ କଲେଜରେ କାର୍ଯ୍ୟରତ ଥିବା ଡାକ୍ତର ଚିନ୍ମୟ ମାଝୀ ଓ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ସୁବର୍ଣ୍ଣ ମଲ୍ଲିକ ମେଡ଼ିସିନ ବିଭାଗର ହେଇଥିବା ବେଳେ, ଶୁଭଲକ୍ଷ୍ମୀ ମହାପାତ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗ, ଡ଼. ଚିନ୍ମୟନିଆଲ ଚର୍ମ ବିଭାଗ, ଡ଼.ପରମାନନ୍ଦ ପୁଝାରୀ ଶିଶୁ ବିଭାଗ, ଡ଼.ବସନ୍ତ ଦୁର୍ଗା ଦନ୍ତ ବିଭାଗ, ଲଳିତ କୁମାର, ଡ଼. ଅରୁଣ କୁମାର ସିଂହ, ଅବିନାଶ ରଞ୍ଜନ ନାଏକ ଓ ଜିତେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ନବୋଦୟ ଆଲୁମିନି ଆସୋସିଏସନ ତରଫରୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ପଣ୍ଡା, ସରୋଜ ନାଏକ, ଚୈତନ୍ୟ ମେହେର, ସ୍ନିଗ୍ଧାରାଣୀ ସିଂହ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ମଶାଣିବନ୍ଧ ମା' ଦ୍ୱାରସୁଣୀ 'ଟି-୧୦' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କନ୍ତେଶିରକୁ ହରାଇ ଡଙ୍ଗରମୁର୍ଲି ଚାମ୍ପିଅନ



**କେସିଙ୍ଗା, ୧୧।୨(ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ ମଶାଣିବନ୍ଧ ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୬ ତାରିଖରୁ ଆରମ୍ଭ ହୋଇଥିବା ମଶାଣିବନ୍ଧ ମାଁ ଦ୍ୱାରସୁଣୀ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। କନ୍ତେଶିର ଏବଂ ଡଙ୍ଗରମୁର୍ଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡଙ୍ଗରମୁର୍ଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଦଶ ଓଭରରେ ୧୨୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କନ୍ତେଶିର ଦଳ ଆଠ ଓଭରରେ ୭୯ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇଥିଲେ। ଅମ୍ପାୟାର ଭାବେ ସଦାନନ୍ଦ ଭୋଇ, ତନୁରଂଜନ ଏବଂ ଜତିନ୍ଦ୍ର ମାଝୀ ଏବଂ ଧରଣି ମାଝୀ ଖେଳ ପରିଚାଳନା କରିଥିଲା ବେଳେ ସ୍କୋରର ଦାୟିତ୍ୱରେ ଭାଗିରଥି ମାଝି ସହଯୋଗ କରିଥିଲେ। ବିଜେତା ଡଙ୍ଗରମୁର୍ଲିକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ଓ ଉପବିଜେତା କନ୍ତେଶିର ଦଳକୁ ଟ୍ରଫି ସହିତ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦେବା, ମ୍ୟାନ ଅଫ୍ ଦି ମ୍ୟାଚ ଖିର, ବେଷ୍ଟ ବୋଲର ଡଙ୍ଗରମୁର୍ଲି ଦଳର ସୁଶାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ମଶାଣିବନ୍ଧ ଏମ୍‌ଡିସିସି କ୍ରିକେଟ କ୍ଲବ ପକ୍ଷରୁ ତନୁରଂଜନ ଭୋଇ, ସଦାଶିବ ଭୋଇ, ଧରଣି ମାଝୀ, ଜତିନ୍ଦ୍ର ମାଝୀ, ସୁରେଶ ମାଝୀ, ଦିନେଶ, ନରିନ, ଜଳଟି, ସମୀର, ଅମିର, ଭୋଲା, କୋଦଣ୍ଡ, ଅଙ୍କିତ, ନବୀନ, ମଥୁରା, ଦେବେନ୍ଦ୍ର ତଥା ଅନ୍ୟମାନେ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

# 'ଗାଁ ଗାଁରେ ବିକାଶ ଶୀର୍ଷ ଛୁଇଁଛି'







**ଧର୍ମଗଡ଼, ୧୧।୨(ସମିସ)**

ଧର୍ମଗଡ଼ ବ୍ଲକ ବଡ଼ ଘୁମରଠାରେ ଶୁକ୍ରବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ ଘୁମର ପଞ୍ଚାୟତ ସରପଞ୍ଚ ଜନ୍ମେଜୟ ଗୋପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଂଘ ସଭାପତି ହାତିରାମ ଦୁର୍ଗା, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ବିଜେଡି ବ୍ଲକ ସଭାପତି ଟିକମନ ଯାଦବ, ସମିତି ସଭ୍ୟା କୌଶଲ୍ୟା ନାଏକ, ନାଏବ ସରପଞ୍ଚ ସୁଚିତ୍ର ଗୋପାଳ, ବରିଷ୍ଠ ସାମ୍ବାଦିକ ଇଙ୍ଗିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ସଚେତନ କରିବା ସହ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଧାରା ମାଧ୍ୟମରେ ଏକ ବିକଶିତ ଓଡ଼ିଶା ଗଠନ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପ୍ରମୁଖ ଭୂମିକା ନେଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ନ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ସେନା କର୍ମଚାରୀ ଗଜାନନ ଗୋପାଳ, ଶିକ୍ଷକ ଲକ୍ଷ୍ମୀକାନ୍ତ ଗୋପାଳ, ଈଶ୍ୱର ସୁନାନୀ, ଆକାଶବାଣୀ କଳାକାର ମଧୁରାମ ଗୋପାଳ, ବ୍ୟାଙ୍କ କର୍ମଚାରୀ ମଧୁସୂଦନ ଗୋପାଳ ଓ ଶିକ୍ଷକ କିଶୋର ଗୋପାଳ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମ୍ବାଦିକ ନିରାକାର ଗୋପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଆରଏସ ରୁଦ୍ର ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୀନା ଶତନାମୀ, ସମାଜସେବୀ ସୁଧୀର ଗୋପାଳ, ଉମାକାନ୍ତ ସାହୁ, ତୁଳସୀ ରାମ ଗୋପାଳ, ଭବାନୀ ଶତନାମୀ, ଶଶିକାନ୍ତ ଗୋପାଳ, ବେଣୁଧର ମାଝୀ, ଅକ୍ଷୟ ମେହେର, ଧନେଶ୍ୱର ନିଆଲ ପ୍ରମୁଖ ସହଯୋଗ କରିଥିଲେ।

ଧର୍ମଗଡ଼ ବ୍ଲକ ବ୍ରାହ୍ମଣ ଛେଣ୍ଡିଆଠାରେ ରବିବାର ଅନୁଷ୍ଠିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିରରେ ସରପଞ୍ଚ ମନୋଜ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ମୌଷଧି ବାଗ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ପିଇଓ ମିନିକେତନ ମାଝୀ, ଧର୍ମଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ସମିତି ସଭ୍ୟା ଇନ୍ଦୁମତୀ ମାଝୀ, ଛିଲପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ନାଏବ ସରପଞ୍ଚ ସୀତା ଶବର, କୃଷି ଅଧିକାରୀ ଭାନୁମତୀ ନାଏକ, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିନେଶ ନାଏକ ପ୍ରମୁଖ ଯୋଗ ହୋଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ଗୁଡ଼ିକ ଖୋଲାଯାଇ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବଜାସାଲ ସମେତ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଧାଂଶୁ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଗ୍ରାମ ରୋଜଗାର ସେବକ ସମେତ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

**ଲଡୁଗାଁ:** କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତରେ ସରପଞ୍ଚ ନିରୂପମା ସେଠୀଙ୍କ ଅଧ୍ୟକ୍ଷତାରେ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବଡ ପୋଡ଼ାଗୁଡା ସରପଞ୍ଚ ଯମୁନା ନାଏକ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ପୂର୍ବତନ ସରପଞ୍ଚ ମନୋଜ କୁମାର ନାଏକ, ଗୋକୁଳ ନାଏକ, ପୂର୍ବତନ ସମିତି ସଭ୍ୟା ଶକୁନ୍ତଳା ଚଳାନ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୁଗାନ୍ତକାରୀ, ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସୂଚିତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗର ଷ୍ଟଲରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଘୁମୁରା, ବଜାସାଲ, ଘୁଡୁକା କଳାକାର ଓ ସ୍ଥାନୀୟ କଳାକାର ମାନେ ଲୋକକଳା ନୃତ୍ୟ, ସମ୍ବଲପୁରୀ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମ ରୋଜଗାର ସେବକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ପିଇଓ ଗିରୀଶ ଚନ୍ଦ୍ର ନାଏକ ଓ ସମାଜସେବୀ ଟିକଚନ ସେଠି ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ପଞ୍ଚାୟତରେ ରବିବାର ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅବଗତ କରାଇଥିଲେ। ଏଥିରେ ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଷ୍ଟଲ ଲଗାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ନିଜ ନିଜ ନୃତ୍ୟ ପରିବେଷଣ କରି ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବା।।ହୀ ଅଧିକାରୀ ରମାକାନ୍ତ ମହାପାତ୍ର ଅତି ସୁନ୍ଦର ଭାବେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ସରପଞ୍ଚ ଗୌରୀ ଚନ୍ଦନ, ନାଏବ ସରପଞ୍ଚ ଶୋଭାସିନୀ ତାଣ୍ଡି, ସମିତି ସଭ୍ୟ କିରଣ କୁମାର ସିଂ. ପିଇଓ ପ୍ରଶାନ୍ତ କୁମାର ନାଏକ, ସହକାରୀ ନିର୍ବାହୀ ଅଧିକାରୀ ପର୍ଶୁରାମ ନାୟକ, ଗ୍ରାମ ରୋଜଗାର ସେବକ ବିଶ୍ୱଦିପକ ପାଣିଗ୍ରାହୀ ଏବଂ ସମସ୍ତ ୱାର୍ଡ ମେମ୍ବର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାନଝରି ପଞ୍ଚାୟତରେ ଝୋଟ ବ୍ୟାଗ୍ ବଣ୍ଟନ



**କେଗାଁ, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରି ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ୨ଟି ଲେଖାଏଁ ଝୋଟ ବ୍ୟାଗ୍ ପ୍ରଦାନ କରାଯାଇଛି। ରବିବାର ମାନଝରି ଗ୍ରାମ ପଞ୍ଚାୟତରେ ସରପଞ୍ଚ ଜଗୁଜିବନ ଅଘ୍ରୀଆ, ଯୋଗାଣସେବକ ତୁଙ୍ଗାନାଥ ତେଜୀ, ୱାର୍ଡ ସଭ୍ୟ ଲିଙ୍ଗରାଜ ନାଏକଙ୍କ ଉପସ୍ଥିତିରେ ମାନଝରି, ତୁମୁରା, ଗ୍ରିଣ୍ଡୋଲ୍ ଓ ତୁଡୁକେଲରର ୨୩୩୮ ଜଣଙ୍କୁ ଝୋଟ ବ୍ୟାଗ ବଣ୍ଟନ କରାଯାଇଛି। ଫଳରେ ହିତାଧିକାରୀମାନେ ଖୁସି ବ୍ୟକ୍ତ କରିଥିବାର ଦେଖିବାକୁ ମିଳିଛି।

● ରିଷିଡ଼ା କପ୍ ଫୁଟ୍‌ବଲ

# ତୁଷୁରା ପ୍ରଥମ ସେମିଫାଇନାଲ ବିଜୟୀ



**କର୍ଲାମୁଣ୍ଡା, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଷିଡା ବାପୁଜୀ ମିନିଷ୍ଟାଡିୟମଠାରେ ଯୁବାମଞ୍ଚ ପକ୍ଷରୁ ଆୟୋଜିତ ରିଷିଡା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସିଆଳି (ସୋନପୁର) ବନାମ ତୁଷୁରା (ବଲାଙ୍ଗୀର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତୁଷୁରା ଦଳ ୫-୦ ଗୋଲରେ ସିଆଳିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅଭିନାଶ ଠାକୁର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, ସମାଜସେବୀ ପ୍ରଦୀପ ଗହୀର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସନ୍ଦୀପ ତରିଆ, ଲଳିତ ମୋହନ ଦାସ, ପିଣ୍ଟୁ ଚନ୍ଦନ ପରିଚାଳନା କରିଥିଲେ। ସ୍କୋରବୋର୍ଡରେ ଗୋବର୍ଦ୍ଧନ ମାଝୀ ସହଯୋଗ କରିଥିବା ବେଳେ କମ୍ବୁପାଣି ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଭାପତି ନରୋତ୍ତମ ସେଲମା, ସତ୍ୟନାରାୟଣ କୁମାର, ଲିପୁନ ରଣା, ଲିଲୁ ନାଏକ, ତ୍ରିଶଙ୍କ ରଣା, ସିମାଞ୍ଚଳ ଭୋଇ, ବବଲୁ ଦଣ୍ଡସେନା, ବୁଲୁ ଭୋଇ, କୈଳାସ କୁମୁରା, ପ୍ରଦୀପ ଗହୀର, ଲିପୁ ସେଠ, କୁନା ନାଏକ, ମୁକେଶ ନାଏକ ସହଯୋଗ କରିଥିଲେ। ମଙ୍ଗଳବାର ସ୍ପୋର୍ଟ୍ସ ହଷ୍ଟେଲ (କନ୍ଧମାଳ) ଓ ତେନ୍ତୁଳିଖୁଣ୍ଟି (ଲୋଇସିଙ୍ଗା) ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସକାଳ THE SAKALA



## ୧୯ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ

# ୭ ଦିନ ଉତ୍ସବ ମୁଖରିତ ହେବ ପୁଣ୍ୟସ୍ଥଳ



**ସୋନପୁର, ୧୧।୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇଠାରେ ୧୯ତମ ପାତାଳୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଳାଟେନ୍ଦୁ ସି, ଡେପୁଟି କଲେକ୍ଟର ଉପେନ୍ଦ୍ର ଦାଶ ଓ ଉଲୁଣ୍ଡା ବିଡିଓ କରିସ୍ମା ବେସ୍ରା ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୧୭ ତାରିଖ ପର୍ଯ୍ୟନ୍ତ ଏହି ପୁଣ୍ୟପୀଠ ଉତ୍ସବ ମୁଖରିତ ହେବ। ଏହି ଅବସରରେ ଭାଗବତ ସପ୍ତାହ ପାରାୟଣ, ୫୬ ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରର ଏକ ଲୋଗୋ ଜିଲ୍ଲାପାଳ ଅନ୍ୟା ଦାଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶ୍ରୀ ଅରବିନ୍ଦ ସ୍କୁଲ ଖୁଣ୍ଟୁଲାପାଲି, ବାଘପାଲି ୟୁପି ସ୍କୁଲ, ହରିଣାପାଲି ୟୁପି ସ୍କୁଲ୍, ଖୁଣ୍ଟୁଲାପାଲି ୟୁପି ସ୍କୁଲ୍, କୋଟସମଲାଇ ୟୁପି ସ୍କୁଲ୍, ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ହାଇସ୍କୁଲ ଆଦି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ଉତ୍ତର ପାତ୍ର ତଥା ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ପୁରୀ-ସୋନପୁର ଦୁଇ ଦିନ ଟ୍ରେନ୍ ଚଳାଚଳ ଦାବି

**ସୋନପୁର, ୧୧।୨ (ସମିସ):** ଶୁକ୍ରବାର ସନ୍ଧ୍ୟା ୭ଟା ୩୦ରେ ମନ୍ଦିର ମାଳିନୀ ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ରକୁ ପ୍ରଥମ ଟ୍ରେନ ଗଡ଼ିଛି। ଏଠାରୁ ଗଡ଼ିଥିବା ପ୍ରଥମ ରେଳରେ ଯାତ୍ରା କରିବା ପାଇଁ ସୋନପୁରିଆଙ୍କ ମନରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। ଶ୍ରମିକ ନେତା ଗୋବିନ୍ଦ ମହାରଣା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ଶିକ୍ଷାବିତ୍ ଶ୍ରୀଧର ବାଘ ପ୍ରମୁଖ ଏହି ରେଳରେ ଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଥମ ରେଳରେ ଯାତ୍ରାରୁ ଏକ ସୁଖଦ ଅନୁଭବ ମିଳିଥିଲା ବୋଲି ଯାତ୍ରୀମାନେ କହିଥିବା ବେଳେ ପୁରୀରୁ ଫେରିବା ସମୟରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ଦିଲ୍ଲୀପ ପାତ୍ରଙ୍କ କହିବାନୁସାରେ, ଗତ ଶନିବାର ପୁରୀରୁ ସୋନପୁରକୁ କୌଣସି ବସ୍ ନଥିଲା ତେଣୁ ସୋନପୁର ଫେରିବା ପାଇଁ ପୁରୀରୁ ଭୁବନେଶ୍ୱର ଆସିବାକୁ ପଡ଼ିଥିଲା। ପୁଣି ଭୁବନେଶ୍ୱରରୁ ବଡ କଷ୍ଟରେ ବସ୍‌ରେ ସିଟ୍ ମିଳିଥିଲା। ତେଣୁ ରବିବାର କିମ୍ବା ସୋମବାର ପୁରୀରୁ ସୋନପୁରକୁ ଏକ ଟ୍ରେନ୍ ବ୍ୟବସ୍ଥା କରାଯାଉ। ଶ୍ରମିକ ନେତା ଗୋବିନ୍ଦ ମହାରଣା ସେହି ସମାନ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଭୁବନେଶ୍ୱର-ବଲାଙ୍ଗିର ରେଳକୁ ସୋନପୁର ଯାଏଁ ସମ୍ପ୍ରସାରଣ ଏବଂ ସୋନପୁରରୁ ରାୟପୁରକୁ ଟ୍ରେନ ଚଳାଚଳ ପାଇଁ ସେ ଦାବି କରିଛନ୍ତି।

## କୁସଙ୍ଗରେ ଜଗନ୍ନାଥ ମନ୍ଦିର ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ

**ହରଭଙ୍ଗା, ୧୧।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତରେ ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମାପନ ହୋଇଯାଇଛି। ୧୦୮ ଶୁଭ କଳସ ଯାତ୍ରାରେ ଗ୍ରାମର ଗୌନ୍ତିଆ ବାବୁଲା ଭୋକ୍ତା ଓ ତାଙ୍କ ଧର୍ମପତ୍ନୀ ଗୋଲାପ ଭୋକ୍ତା କର୍ତ୍ତା ଥିଲେ। ସୋମବାର ଅପରାହ୍‌ଣରେ ରୀତିନୀତି ଅନୁସାରେ, ରତ୍ନମୁଦ ସ୍ଥାପନ କରାଯାଇଛି। ପ୍ରଥମେ ନାମଯଜ୍ଞ, ପରେ ଘୃତଯଜ୍ଞ ଓ ଶେଷରେ ରତ୍ନ ମୁଦ ସମାପନ କରାଯାଇଥିଲା। ଶେଷରେ ପ୍ରସାଦ ସେବନ କରାଯାଇଥିଲା। କୁଶଙ୍ଗ ଗ୍ରାମ୍ୟକମିଟିର ସଭାପତି ଅନାଦି ପ୍ରଧାନ, ଉପସଭାପତି କବିରାଜ ସାହୁ, ସଂପାଦକ ଅଭୟ ଭୋକ୍ତା, ସଦସ୍ୟ ଭଗବାନ ହୋତା, କିଶୋରୀ ଭୋକ୍ତା, ପ୍ରଫୁଲ୍ଲ ମହାପାତ୍ର, ସଞ୍ଜୟ ଦେହୁରୀ, ଅକ୍ଷୟ ସାହୁ, ପ୍ରମୋଦ ସାହୁ, ବଇକୁଣ୍ଠ ଦନାୟକ, ବଳରାମ ସାହୁ, ନାରାୟଣ ତ୍ରିପାଠୀ, ନିରଞ୍ଜନ ମିଶ୍ର ଓ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

## ଫେରିବାଲାଠୁ ଟଙ୍କା ଓ ମୋବାଇଲ ଲୁଟ୍

**ମନମୁଣ୍ଡା, ୧୧।୨(ସମିସ):** ଦିନ ଦ୍ୱିପହରରେ ଜଣେ ଫେରିବାଲା ଠାରୁ ଟଙ୍କା, ମୋବାଇଲ ଏବଂ ଜିନିଷ ଲୁଣ୍ଠନ ହୋଇଥିବା ମନମୁଣ୍ଡା ଥାନା ରେ ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ବାଣପୁର ଗ୍ରାମର ଜଣେ ଫେରିବାଲା କାଶୀନାଥ ପ୍ରଧାନ ବୌଦ୍ଧ ଜିଲ୍ଲା ବହୀରାରେ ରହି ବୁଲିବୁଲି ବ୍ୟବସାୟ କରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ଲୁନାରେ ଜିନିଷ ଧରି କୁର୍ତିପାଲି ଗ୍ରାମରୁ ଡ଼ାଙ୍ଗମୁଣ୍ଡା ଦେଇ ଯାଉଥିବାବେଳେ ବାଟରେ ଦୁଇଜଣ ଅଚିହ୍ନା ଯୁବକ ଏକ ବାଇକରେ ଆସି ମାଡ ମାରି ହତ୍ୟା ଧମକ ଦେବା ସହ ନଗଦ ୭୩୦୦ ଟଙ୍କା, ଏକ ମୋବାଇଲ ଏବଂ କେତେକ ଜିନିଷ ଲୁଣ୍ଠନ କରି ନେଇଯାଇଛନ୍ତି। ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ଏହାର ତଦନ୍ତ ଚଳାଇଛି।

## ଆଦର୍ଶ ଶିକ୍ଷକ ଗୌରମୋହନଙ୍କ ପରଲୋକ

**ତରଭା, ୧୧।୨(ସମିସ):** ତରଭା ବନ୍ଧପଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଗୌରମୋହନ ତ୍ରିପାଠୀ (୮୪) ଙ୍କ ରବିବାର ସକାଳ ୮ଘଣ୍ଟା ୨୦ ମିନିଟ ସମୟରେ ତାଙ୍କର ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା



ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ବଡ଼ପୁଅ ମନୋରଞ୍ଜନ ତ୍ରିପାଠୀ, ମଝିଆ ପୁଅ ମାନଭଞ୍ଜନ ତ୍ରିପାଠୀ, ସାନପୁଅ ମହେନ୍ଦ୍ର ତ୍ରିପାଠୀ, ଝିଅ କଲ୍ୟାଣୀ ମହାପାତ୍ରଙ୍କ ସହିତ ସମସ୍ତ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବନ୍ଧୁବାନ୍ଧବ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା। ମଝିଆ ପୁତ୍ର ମାନଭଞ୍ଜନ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ତ୍ରିପାଠୀ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ୧୯୯୯ରେ ଫଟାମୁଣ୍ଡା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ତାଙ୍କର ଛାତ୍ରମାନେ ଅନେକ ଉଚ୍ଚ ପଦରେ ଚାକିରି କରୁଛନ୍ତି। ଅବସର ଗ୍ରହଣ ପରେ ସେ ପୁରୋହିତ ଓ ଜ୍ୟୋତିଷ କାର୍ଯ୍ୟ କରୁଥିଲେ। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ପରୋପକାରି ବ୍ୟକ୍ତି ହୋଇଥିବାରୁ ତାଙ୍କର ବିୟୋଗ ସହରରେ ଶୋକ ଖେଳିଯାଇଛି।

## ୩୦ ଏକର ଗଞ୍ଜେଇ ଗଛ ପୋଡ଼ି

**ମନମୁଣ୍ଡା, ୧୧।୨(ସମିସ):** ମନମୁଣ୍ଡା ପୁଲିସ ପ୍ରାୟ ୩୦ ଏକର ପରିମିତ ଜଙ୍ଗଲରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି। ଆଇଆଇସି ଭାବାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଶଗଡ଼ା ଫାଣ୍ଡି ଅନ୍ତର୍ଗତ ଗନସନଗୁଡ଼ି ଏବଂ ଲୋଚନା ଜଙ୍ଗଲରେ ଚଢ଼ଉ କରାଯାଇଥିଲା। ନଷ୍ଟ କରାଯାଇଥିବା ଗଛ ପ୍ରାୟ ୬୦ ହଜାର ହେବ ବୋଲି ଜାଣିବାକୁ ମିଳିଛି। ଏହି ଚଢଉରେ ଏସଆଇ ଉଦୟନାଥ ଆଚାର୍ଯ୍ୟ, ଶଗଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ ମଲ୍ଲିକଙ୍କ ସମେତ ପୁଲିସ ବଳ ସାମିଲ ଥିଲେ।

## ସାଧୁ ମେହେରଙ୍କ ସ୍ମୃତିରେ ଗୁଡ଼ଭେଲି ପଦରରେ ରକ୍ତଦାନ ଶିବିର



**ଶଗଡା, ୧୧।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲି ପଦର ଗ୍ରାମରେ ଦିନ ୧୧ଟା ସମୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ଦଶାହ ଉପଲକ୍ଷେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ରକ୍ତଦାନ ଶିବିରରେ ମୋଟ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜର ରକ୍ତଭଣ୍ଡାରର ଡଃ ସୁମିତ ମୁଣ୍ଡ, ଲ୍ୟାବ ଟେକନିସିଏନ୍ ରଞ୍ଜନ ବରାଳ, ପରମାନନ୍ଦ କୁମ୍ହର, ନର୍ସ ଜ୍ୟୋତିର୍ମୟୀ ନାଏକଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ଭାଗିରଥି କର୍ମୀ, ଆଦିତ୍ୟ ମହାକୁଡ, ସତ୍ୟନାରାୟଣ ମହାଲିକ, ଦିନେଶ ବିଶି, ଅଖିଳ ଡ଼ାଙ୍ଗ, ମହେଶ୍ୱର ମହାଲିକ ପ୍ରମୁଖ ଗ୍ରାମବାସୀ ସାମିଲ ଥିଲେ। ପରେ ଗ୍ରାମରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପଦ୍ମଶ୍ରୀ ଡ଼ଃ ସାଧୁ ମେହେରଙ୍କ ଦଶାହ ଉପଲକ୍ଷେ ପୈତୃକ ଗ୍ରାମ କଣ୍ଟାମାଳ ବ୍ଲକ ଗୁଡଭେଲି ପଦର ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ନାଟ୍ୟକାର ହରିହର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ସାହୁ, ନାଟ୍ୟକାର ଗଦାଧର ବାରିକ, ବରିଷ୍ଠ ସାମ୍ବାଦିକ ଦିବ୍ୟଶଙ୍କର ରାଉତ, ରଞ୍ଜୁ ଅମାତ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ସାଧୁ ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଭାଗିରଥି କର୍ମୀ ମଞ୍ଚ ପରିଚାଳନା କରିଥିବା ବେଳେ ଆଦିତ୍ୟ ମହାକୁଡ ଧନ୍ୟବାଦ ଦେଇଥିଲେ।

## କବି କିଶୋର ମିଶ୍ର ପରାଗ କବିତା ସମ୍ମାନରେ ସମ୍ମାନିତ



**ବୌଦ୍ଧ, ୧୧।୨(ସମିସ):** ବୌଦ୍ଧର ବରିଷ୍ଠ କବି କିଶୋର ମିଶ୍ର କେନ୍ଦ୍ରାପଡାସ୍ଥିତ ପରାଗ ସାହିତ୍ୟ ସଂସଦ ତରଫରୁ ଅନୁଷ୍ଠାନର ୪୨ତମ ସାରସ୍ୱତ ସମାରୋହରେ ପରାଗ କବିତା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସୋମବାର ସଂସଦ ତରଫରୁ ମେଣ୍ଟପୁର ଉଚ୍ଚ ବିଦ୍ୟାଳୟରେ ସଂସଦର ସଭାପତି ରମେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟକବି ଓ ପାହାଚ ପତ୍ରିକାର ସୁନାମଧନ୍ୟ ସମ୍ପାଦକ କମଳ ମହାନ୍ତି, ସମ୍ମାନିତ ଅତିଥି ଲବ୍ଧ ପ୍ରତିଷ୍ଠିତ ଗାଳ୍ପିକ ପ୍ରଦୀପ ନାୟକ, ମୁଖ୍ୟବକ୍ତା ବିଶିଷ୍ଟ ଗାଳ୍ପିକ ଓ ନାଟ୍ୟକାର ଅଜୟ ମହାପାତ୍ର ଯୋଗ ଦେଇଥିଲେ। ଅତିଥି ମାନେ ବୌଦ୍ଧର ଲବ୍ଧ ପ୍ରତିଷ୍ଠିତ ପ୍ରେମ କବି କିଶୋର ମିଶ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ପରାଗ କବିତା ସମ୍ମାନରେ ସମ୍ମାନିତ କରିଥିଲେ। ଶ୍ରୀ ମିଶ୍ରଙ୍କ ପ୍ରମଦା, ଅମୃତ ଅଭିସାର, ମିତଣୀ, ବର୍ଷାରେ ସୁକେଶିନୀ, ଫେରେଇ ଦିଅ ମୋର ସବୁ ଶବ୍ଦ, ଚନ୍ଦ୍ରରାଗ, ତୁମପରି କେହିଜଣେ, ଗୁମ୍ଫା ଆଦି କବିତା ଓ ଗଳ୍ପ ସଂକଳନ ପାଠକୀୟ ସ୍ୱୀକୃତି ଲାଭ କରି ସାରିଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ ପାଳିତ

**ବୌଦ୍ଧ, ୧୧।୨(ସମିସ):** ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ଜିଲ୍ଲା ଓ ମଣ୍ଡଳ ଶକ୍ତିକେନ୍ଦ୍ର ସ୍ତରରେ ପାଳନ କରାଯାଇଛି। ଏହି ମହାନ ପୁରୁଷଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତାପସ କୁମାର ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ, ରାଜକୁମାର ମେହେର, ନିରଞ୍ଜନ ଦାନୀଙ୍କ ସହିତ ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ହରଭଙ୍ଗା ଥାନା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

**ହରଭଙ୍ଗା, ୧୧।୨(ସମିସ):** ହରଭଙ୍ଗା ବ୍ଲକ ଚାରିଛକ-ଅତଲସରା ପୂର୍ତ୍ତ ରାସ୍ତାରେ ବହୁବର୍ଷ ଧରି ବିଭାଗର ଯତ୍ନ ଅଭାବରୁ ରାସ୍ତା ଖାଲଖମା ସହ ବିଭିନ୍ନ ପୋଲ ଉପରୁ କଂକ୍ରିଟ ଉଠିବା, ମହାନଦୀରୁ ବେପାରୁଆ ଓଭରଲୋଡ଼ିଂ ବାଲି ଚାଲାଣ ହେଉଥିବାରୁ ରାସ୍ତା ଉପରେ ବାଲି ପଡି ଛୋଟବଡ଼ ଦୁର୍ଘଟଣାରେ ବହୁ



ଧନଜୀବନ ନଷ୍ଟ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ହରଭଙ୍ଗା ଥାନା ପକ୍ଷରୁ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କ ନେତୃତ୍ୱରେ ଉକ୍ତ ପୂର୍ତ୍ତ ରାସ୍ତର ବିଭିନ୍ନ ସ୍ଥାନର ଅଳିଆ ଆବର୍ଜନା, ବାଲି, ମୋରମ ସଫା ସହ ଖରଭୂଇଁ କଙ୍କଡା ପଥର ସେତୁରେ ହୋଇଥିବା ଗର୍ତ୍ତଗୁଡିକରେ ପିଟୁ ପକାଇ ସମତୁଲ କରାଯାଇଥିଲା। ସେତୁ ଉପରେ ପଡ଼ିଥିବା ଅଳିଆ ସଫା କରାଯିବା ସହ ଉକ୍ତ ରାସ୍ତାରେ ବେପରୁଆ ଗାଡି ଚାଳନାକୁ ଦୃଷ୍ଟିରେ ରଖି ଗାଡିଗୁଡିକର ଗତି ହ୍ରାସ କରାଇବା ପାଇଁ ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକରେ ଷ୍ଟପର୍ ବ୍ୟବସ୍ଥା କରାଇଥିବା ଜଣାପଡିଛି। ଥାନାଧିକାରୀଙ୍କ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ଥାନାର କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ରହିଥିଲେ।

## ରକ୍ତଦାନ ଶିବିର: ୨୮ ୟୁନିଟ ସଂଗ୍ରହ



**ବିନିକା, ୧୧।୨(ସମିସ):** ବିନିକା ଏନଏସି ୧୦ନଂ ୱାର୍ଡ ଉର୍ଲେ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜେନ୍ଦ୍ର ସ୍ମୃତିକମିଟି ପକ୍ଷରୁ ଦ୍ୱିତୀୟ ରକ୍ତଦାନ ଶିବିର ବିନିକା ସ୍ପୋର୍ଟ୍ସ କ୍ଲବଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ବିନିକା ସହରର ସାମାଜିକ କର୍ମୀ ଶ୍ୟାମପ୍ରସାଦ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଯୁବ ଶିଳ୍ପ ଉଦ୍ୟୋଗୀ ମମତାଜ ପଣ୍ଡା, କାଉନସିଲର ବୈରାଗୀ ପଧାନ ଉପସ୍ଥିତ ଥିଲେ। ସ୍ମୃତି କମିଟିର ପ୍ରତିଷ୍ଠାତା ରାମଗୋପାଳ ବାଘଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରରେ ବୁର୍ଲା ରକ୍ତଭଣ୍ଡାର ଡାକ୍ତର ଅୟସ ଅଗ୍ରୱାଲଙ୍କ ନେତୃତ୍ୱରେ ପିଆରଓ ଦେବାଶିଷ ମିଶ୍ର, ପ୍ରହଲ୍ଲାଦ ଭୋଇ, ଗଣେଶ ପ୍ରଧାନ, ଅଗ୍ନି ମହାନନ୍ଦ ପ୍ରମୁଖ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମୋଟ ୨୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ସାମ୍ବାଦିକ ଦିଲ୍ଲୀପ ସାହୁ, ଲାଇବ୍ରେରୀଏନ ଗରିବ ସାଲାମା, ଏନଏସି କର୍ମଚାରୀ ମୋହନ ମହାନନ୍ଦ ପ୍ରମୁଖ ରକ୍ତ ଦାନ କରୁଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କରିଥିଲେ। ପ୍ରତାପ ସାହୁ, ଜୟରାମ ସେଠ୍, ବିଜେ ସାମଲ, ଅର୍ଜୁନ ପଣ୍ଡା, ଓମପ୍ରଭାଷ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ରାଣୀଝୁଲା ମହୋତ୍ସବ ପ୍ରସ୍ତୁତି ବୈଠକ

**ତରଭା, ୧୧।୨(ସମିସ):** ତରଭାରୁ ୧୨ କିମି ଦୂର କମସରାରେ ଥିବା ଐତିହାସିକ ରାଣୀଝୁଲା ପାହାଡ଼ରେ ଆସନ୍ତା ୧୬ ତାରିଖ ହେବାକୁ ଥିବା ତୃତୀୟ ରାଣୀଝୁଲା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି



ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି କରୁଥିବା ରାଣୀଝୁଲା ପାହାଡ ଉପରେ ନବନିର୍ମିତ ପ୍ରହରୀ ମଣ୍ଡପରେ ଶିଶିର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉନ୍ନୟନ କମିଟି ସଭାପତି ଜୟସିଂ କୁଅଁରଙ୍କ ସମେତ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ମହୋତ୍ସବର ସୁପରିଚାଳନା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯାଇ ଦାୟିତ୍ୱ ଦିଆଯାଇଛି। ରାଣୀଝୁଲା ପାହାଡ଼ର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ପଦ୍ମକିଶୋର ମାଝୀ ଧନ୍ୟବାଦ ଦେଇଥିଲେ।

## ହାଇସ୍କୁଲ ରାତ୍ର ଜଗୁଆଳିଙ୍କ ମୃତ୍ୟୁ



ପଲଶାଗୋରା, ୧୧।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମିଳିତ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାତ୍ରୀ ଜଗୁଆଳି ଭାବେ କାର୍ଯ୍ୟରତ ଥିବା ପ୍ରହଲ୍ଲାଦ ବସ୍ତିଆଙ୍କ ୫୯ ବର୍ଷ ବୟସରେ ହୃଦଘାତରେ ଶନିବାର ସକାଳୁ ମୃତ୍ୟୁ ହୋଇଛି। ଶ୍ରୀବସ୍ତିଆ ଜଣେ ଶାନ୍ତ ସରଳ ଓ ମିଷ୍ଟଭାଷୀ ମଣିଷ ଥିଲେ। ତାଙ୍କ ନିଜ ଗ୍ରାମ ଖଟଖଟିଆରେ ଶବ ସତ୍କାର କରାଯାଇଥିବା ବେଳେ ପୁଅ ଜାଗେଶ୍ୱର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଂଜୀବ ପ୍ରହରାଜ, ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

## ଧବଳେଶ୍ୱର କ୍ରିକେଟ: ଦେମୁହାଣ ଚାମ୍ପିଅନ

**କଣ୍ଟାମାଳ, ୧୧।୨(ସମିସ):** କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବାନ୍ଧଗୋରା ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସର ପ୍ରଥମ ସେମିଫାଇନାଲରେ ରେଗଡୋଲ ଦଳକୁ ହରାଇ ଫାଇନାଲକୁ ପହଞ୍ଚିଥିଲା ବାନ୍ଧଗୋରା। ଦ୍ୱିତୀୟ ସେମି ଫାଇନାଲରେ ଡେମୁହାଣ ଦଳ ଫଟାମୁଣ୍ଡାକୁ ହରାଇ ଫାଇନାଲରେ ବାନ୍ଧଗୋରାକୁ ଭେଟିଥିଲା। ଦେମୁହାଣ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭରରେ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ବନ୍ଧଗୋରା ଦଳ ୧୨୦ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଲମ୍ବୋଦର ବେହେରା ଓ ଶୁଭମ ସାହୁ ଖେଳ ପରିଚାଳନା କରିଥିଲେ। କୁଳମଣି ଦାଶ ସ୍କୋରର ଥିଲେ। ସୁଶାନ୍ତ ବାରିକ ଓ ଶଙ୍କର୍ଷଣ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। କଣ୍ଟାମାଳ ବ୍ଲକ ଶିକ୍ଷକ ସଙ୍ଘ ସଭାପତି ନୀଳାଚଳ ଭୋଇ ମୁଖ୍ୟଅତିଥି, ବନ୍ଧଗୋରା ଗୌନ୍ତିଆ ଧିରୋଜ ଭୋଇ, ଯୁବନେତା ସୁଧାଂଶୁ ରଣା, ସମାଜସେବୀ ଶତ୍ରୁଘ୍ନ ଶତପଥୀ, ସାମ୍ବାଦିକ ବଂଶୀଧର ମାଝୀ, ବାସୁଦେବ ଷାଣ୍ଢ, ମକରନ୍ଦ ସାହୁ, ଶଙ୍କର୍ଷଣ ସାହୁ, ଶିକ୍ଷକ ଉପେନ୍ଦ୍ର ଭୋଇ, ସମାଜସେବୀ ଶତ୍ରୁଘ୍ନ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜ ଭୋଇ, ସୋନୁ ପୂଝାରୀ, ବିବଛ ଭୋଇ ଏବଂ ଧବଳେଶ୍ୱର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା



**ପଲଶାଗୋରା/ମନମୁଣ୍ଡା, ୧୧।୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୌଦାମିନୀ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାଏବ ସରପଞ୍ଚ ପଦ୍ମନାଭ ସାହୁ ମଞ୍ଚାସୀନ ଥିଲେ। ପିଇଓ ପୁରନ୍ଦର ଠେଲା ଅତିଥି ପରିଚୟ ଦେଇଥିବା ବେଳେ ପଲଶାଗୋରା ପଞ୍ଚାୟତ ପିଇଓ କ୍ଷୀରୋଦ ମେଣ୍ଡିଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଶିତିକଣ୍ଠ ମିଶ୍ର ଓ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ବରଗୋଛାରେ ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା। ସଭାପତିତ୍ୱ କରିଥିଲେ ବରଗୋଛା ସରପଞ୍ଚ ଲକି କର୍ମୀ। ମୁଖ୍ୟଅତିଥି ସମାଜସେବୀ ଶାନ୍ତନୁ ଥାଟି, ସମ୍ମାନିତ ଅତିଥି ବରଗୋଛା ସମିତିସଭ୍ୟା ମମତା କଅଁର, ଯୁବ ସମାଜସେବୀ ତନ୍ମୟ ସାହୁ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନମିତାରାଣୀ ସାହୁ। ଗ୍ରାମ ରୋଜଗାର ସେବକ ଆଦିତ୍ୟ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଜଗନ୍ନାଥ ପାଠାଗାରର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



ଗୁଡଭେଲିପଦର ଗ୍ରାମପଞ୍ଚାୟତ ତରଫରୁ ଶିବ ମନ୍ଦିର ଖେଳ ପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ମଞ୍ଚରେ ଗୁଡଭେଲିପଦର ସରପଞ୍ଚ ଗହଳ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଯୁବ ବିଜେଡି ନେତା ସୁଧାଂଶୁ ରଣା, ଗୁଡଭେଲିପଦର ଯୁବ ବିଜେଡି ନେତା ସଚିନ ମିଶ୍ର, ସାମ୍ବାଦିକ ବେଣୁଧର ପ୍ରଧାନ, ସମସ୍ତ ୱାର୍ଡସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟଗୀତ ବେଶ୍ ଆକୃଷ୍ଟ କରିଥିଲା। ମଞ୍ଚ କଳାକାରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା ଦେବଦତ୍ତ ସାଗର ଓ ପଞ୍ଚୁ ପାଣ୍ଡବ ମେହେର ଧନ୍ୟବାଦ ଦେଇଥିଲେ। ସମସ୍ତ ବିଭାଗର ପଞ୍ଚାୟତସ୍ତରୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



# ବିଜେଡିର ବିରାଟ ଶୋଭାଯାତ୍ରା ଓ ସମାବେଶ





**କଣ୍ଟାବାଞ୍ଜି/ତୁରେକେଲା, ୧୧।୨(ସମିସ)**

ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଜେଡି ପକ୍ଷରୁ ରାମମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ହରିଭବନଠାରେ ବିରାଟ ସମାବେଶ ଆୟୋଜନ କରାଯାଇଥିଲା। ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ଓ କଣ୍ଟାବାଞ୍ଜି ଏନଏସିର ହଜାର ହଜାର କର୍ମୀ ଅଜୟ ଦାସଙ୍କୁ ସମର୍ଥନ କରିଥିଲେ। ପ୍ରଫୁଲ୍ଲ ନାୟକ, ରାଜ୍ୟ ଯୁବ ସମ୍ପାଦକ ଅଜିତ ଯୋଶୀ ସାମିଲ ହୋଇଥିଲେ। ଆଜିର ସମାବେଶ ଦେଖି ବିରୋଧୀଙ୍କ ଶିବିରରେ ଛନକା ପଶିଛି। ଜିଲ୍ଲାପରିଷଦ ଉପ ସଭାପତି ମିଥିଲା ମାଝୀ ମଧ୍ୟ ଏଥିରେ ସାମିଲ ହୋଇଥିଲା। ବିଜେଡି ବରିଷ୍ଠ ନେତା ଅଜୟ ଦାସ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଏବଂ ଲୋକାଭିମୁଖୀ ଯୋଜନା ବାର୍ତ୍ତା ପହଞ୍ଚାଇବା ସହ ଗାଁଗାଁରେ ନୂତନ ଭୋଟର, ବିଜେପି, କଂଗ୍ରେସ କର୍ମୀଙ୍କୁ ଦଳରେ ସାମିଲ କରିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ। କଣ୍ଟାବାଞ୍ଜିର ସ୍ୱାଭିମାନ, ଦୁର୍ନୀତିମୁକ୍ତ କରିବା ସହ ବିଜେଡି କର୍ମୀଙ୍କୁ ସାହସୀ କରିବାପାଇଁ ଗତ ନିର୍ବାଚନରେ ବଜ୍ର ଶପଥ ନେଇ ଗତ ୫ ବର୍ଷ ଧରି ଗାଁ ଗାଁ ଯାଇ ଲୋକଙ୍କ ସୁଖଦୁଃଖରେ ସାଥୀହୋଇ ନବୀନ ବାର୍ତ୍ତା ପହଞ୍ଚାଇ ଥିବାରୁ ନିଜକୁ ଗର୍ବ ଅନୁଭବ କରିଥିବା ଶ୍ରୀ ଦାସ ମଞ୍ଚରୁ ଥାଇ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୋମୁଣ୍ଡା ବିଜେଡି ସଭାପତି ଡମ୍ବରୁ ମେହେର, ମୁରିବାହାଲ ବ୍ଲକ ସଭାପତି ମିନିକେତନ ପାତ୍ର, ତୁରେକେଲା ମହିଳା ସଭାନେତ୍ରୀ ସରସ୍ୱତୀ ମେହେର, ତୁରେକେଲା କୃଷକ ମୋର୍ଚ୍ଚା ସଭାପତି ଲଛ ମନ ପୁଟେଲ, ଜିଲ୍ଲା ଆଇନ ସେଲ ସଭାପତି ପ୍ରଫୁଲ୍ଲ ନାଏକ, ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ବେହେରା, ବିନୟ ବିଭାର, କଣ୍ଟାବାଞ୍ଜି ଟାଉନ ଯୁବ ବିଜେଡି ସଭାପତି ବିଶାଳ ବେହେରା, ବିଜେଡି ନେତା ବିରଞ୍ଚିଜାଲ, ବୁଲୁସିଂ ଦେଓ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ, ଯୁବ ଆଇନଜୀବୀ ଅଭିମନ୍ୟୁ ନାଗ, ମହିଳା ରାଜ୍ୟ ଉପସଭାନେତ୍ରୀ ଗୋପା ମହାନନ୍ଦ, ଜିଲ୍ଲାପରିଷଦ ଉପ ସଭାନେତ୍ରୀ ମିଥିଲା ମାଝୀ, ସସ୍ମିତା ଦଣ୍ଡସେନା, ଯାଜ୍ଞସାନୀ ବାଗ ପ୍ରମୁଖ ବହୁନେତା ମଞ୍ଚରେ ମଞ୍ଚାସୀନ ଥିଲେ। ପରେ ମଞ୍ଚରେ କିଛି କଂଗ୍ରେସ, ବିଜେପି ପୁରୁଖା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

## କୂଅରେ ପଡ଼ି ଶିଶୁ ମୃତ୍ୟୁ ଘଟଣା: ହତ୍ୟା ଅଭିଯୋଗ କଲେ ପରିବାର

**କୋମନା, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ବିରୁନପଦର ଗାଁରେ ଅଭିମନ୍ୟୁ ପଟେଲଙ୍କ ପୁଅ ସୌମ୍ୟ (୯ ମାସ) ଏକ କୂଅରେ ପଡ଼ିଯିବାରୁ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରର ଜଣେ ନାବାଳିକା ଶିଶୁଟିକୁ ଧରି କୌଣସି କାମରେ ଘର ବାଡି ପଟେ ଯାଇଥିଲେ। ସେଠାରେ କୌଣସି କାରଣରୁ ଶିଶୁଟି କୁଅରେ ପଡ଼ିଯିବାରୁ ମୃତ୍ୟୁ ହୋଇଥିଲା। ଏନେଇ କୋମନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅପରାହ୍ନରେ ମୃତ ଶିଶୁଙ୍କ ବାପା ଅଭିମନ୍ୟୁ ପଟେଲ ଓ ବଡବାପା ରାଏସିଂ ପଟେଲ ସମେତ ଅନ୍ୟାନ୍ୟ ପରିବାର ବର୍ଗ ଶିଶୁଟିକୁ ଉକ୍ତ ନାବାଳିକା ଜାଣିଶୁଣି କୁଅରେ ଫିଙ୍ଗି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ଗାଁକୁ ପହଞ୍ଚି ଘଟଣାର ଅଧିକ ଛାନ୍‌ଭିନ୍ କରୁଥିବା ସୂଚନା ମିଳିଛି।

## ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ

### ରାସ୍ତା ଖୋଳି ମାସ ମାସ ପକାଇ ଦେଇଛନ୍ତି

**ସୋନପୁର, ୧୧।୨ (ସମିସ):** ଜାତୀୟରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅସୁବିଧା ଭୋଗ କରୁଛନ୍ତି ଜିଲ୍ଲାବାସୀ। ପୂର୍ବରୁ ରାସ୍ତା ଠିକ୍‌ଠାକ ଥିଲା; ତେବେ ପ୍ରଶସ୍ତିକରଣ ପାଇଁ ବ୍ଲକ ଛକରୁ ବଲାଙ୍ଗିର ପଟକୁ ଝିଙ୍କି ଛକ ଯାଏଁ ଏନ୍‌ଏଚ୍ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱ ଖୋଳା ଯାଇଛି। ମାସାଧିକ କାଳ ଖୋଳା ଯାଇ ସେମିତି ଭାବେ ପକାଇ ରଖାଯାଇଛି। ତେବେ ଏହି ଖୋଳା ଯାଇଥିବା ସ୍ଥାନରେ ମେଟାଲ୍ ଫିଲିଂ କରାଯାଇଛି ସତ ହେଲେ ରାସ୍ତା ସହ ସମତୁଲ କରାଯାଇ ନାହିଁ। ଫଳରେ ସେଣ୍ଟ ଆନିସ୍ ସ୍କୁଲ ସମ୍ମୁଖରୁ ବ୍ଲକ ଛକ ମଧ୍ୟରେ ଅହେତୁକ ଭିଡ ଲାଗି ରହୁଛି। ସନ୍ଧ୍ୟାରେ ଗାଡି ମଟର ଜାମ ହେଉଛି। ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ହେବାର ଆଶଙ୍କା ପ୍ରକାଶ ପାଉଛି। ସେପଟେ ଏକ ସପ୍ତାହ ମଧ୍ୟରେ ବାକି ଥିବା କାମ ସମାପ୍ତ କରିବାକୁ ସମ୍ପୃକ୍ତ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏନ୍‌ଏଚ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଏହି ଅଧପନ୍ତରିଆ କାମକୁ ଶୀଘ୍ର ସମାପ୍ତ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ନିର୍ବାଚନୀ ପ୍ରସଙ୍ଗ ପାଲଟିବ ଜାମ୍ବୁମାଳ ରାସ୍ତା

**ଶଗଡା, ୧୧।୨ (ସମିସ):** ସାଧାରଣ ନିର୍ବାଚନକୁ ଆଉ ମାତ୍ର କିଛି ମାସ ବାକି ରହିଛି। ଗାଁ ମୁହାଁ ହେଲେଣି ନେତା ଓ କର୍ମୀ। ବିଗତ ନିର୍ବାଚନରେ ଭୋଟର ଅନେକ ପ୍ରତାରଣାର ଶିକାର ହୋଇ ପୂର୍ବ ପ୍ରତିଶ୍ରୁତି ଓ ସମସ୍ୟାକୁ ଆଖି ଆଗରେ ରଖିଛନ୍ତି। କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତ ସଦର ମହକୁମା ଠାରୁ ଜାମ୍ବୁମାଳ ଯାଇଥିବା ରାସ୍ତାଟିକୁ ପିଚୁ ରାସ୍ତା ନିର୍ମାଣ କରିବାପାଇଁ ଚଳିତ ନିର୍ବାଚନରେ ଅଞ୍ଚଳବାସୀ ଏକ ପ୍ରମୁଖ ପ୍ରସଙ୍ଗ ରଖିବେ ବୋଲି ଆଲୋଚନା ହେଉଛି। ଏହି ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତରୁ ମାତ୍ର ତିନି କିଲୋମିଟର ଜାମ୍ବୁମାଳକୁ ଯାଇଥିବା ରାସ୍ତା ଉପରେ ଗବଜୋର, ପଥର୍ଲା, ଲୋକାପଡ଼ା, ଜାମ୍ବୁମାଳ, ତୁଳସୀକଟା, ଫଗୁଣାମାଳ, କୀର୍ଲା ଓ କଣ୍ଟିଆପାଲି ପ୍ରମୁଖ ଗ୍ରାମର ଲୋକେ ପଞ୍ଚାୟତକୁ ଭତ୍ତା ଓ ଚାଉଳ ନେଇଯିବା ସହ ପଡୋଶୀ ଜିଲ୍ଲା ସୁବର୍ଣ୍ଣପୁର ଯିବାକୁ ନିର୍ଭର କରନ୍ତି। ଗତ ବର୍ଷ ଏହି ରାସ୍ତା ପାଇଁ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଯାହାକି ସମୁଦ୍ରକୁ ଫଂଖେପଣା ସଦୃଶ ସେହି ଟଙ୍କାଟି ଖର୍ଚ୍ଚ ହୋଇଗଲା। ହେଲେ ରାସ୍ତାଟି ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ବର୍ଷା ଦିନେ ଏହି ରାସ୍ତା ଖାଲଖମା ସହ ପାଣି ଥିବାରୁ ଯାତାୟାତରେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ

**ମନମୁଣ୍ଡା, ୧୧।୨(ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ରାବିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପ୍ରିୟବ୍ରତ



ପ୍ରଧାନ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ପ୍ରଧାନଶିକ୍ଷକ ଚୈତନ୍ୟ ମହାନନ୍ଦିଆ ଏବଂ ଅନ୍ୟ ଶିକ୍ଷକଙ୍କ ମାର୍ଗ ଦର୍ଶନରେ ପ୍ରିୟବ୍ରତ ଏହି ସଫଳତା ପାଇଥିବା କହିଥିବାବେଳେ ବାପା ଲକ୍ଷ୍ମଣ ଏବଂ ମାଆ ପ୍ରେମଶୀଲାଙ୍କ ଆଶୀର୍ବାଦ ସଫଳତାର ପ୍ରମୁଖ କାରଣ ବୋଲି ମଧ୍ୟ ସେ କହିଛନ୍ତି। ବୃତ୍ତି ପାଇ ସେ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ଶିକ୍ଷକମାନେ ତାକୁ ପୁରସ୍କାର ଦେଇ ଆଶୀର୍ବାଦ ପ୍ରଦାନ ପୂର୍ବକ ଉତ୍ସାହିତ କରିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**କୋମନା, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବୁଦ୍ଧିକୋମନା, ତରବୋଡ, ଝଗ୍ରାହୀ ପଞ୍ଚାୟତର ଗାଁ ମାନଙ୍କରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିପରି ଶୁକ୍ରବାର କାର୍ଯ୍ୟକ୍ରମଟି ରଜନା, ଭେଲା ଓ ଜଟଗଡ଼ ପଞ୍ଚାୟତରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମଗୁଡିକୁ ନୋଡାଲ ଅଫିସର ମାନେ ସୁରୁଖୁରୁରେ ଆୟୋଜନ କରୁଥିବା ଜଣାପଡ଼ିଛି।



## ଉଦ୍‌ଯାପିତ ହେଲା ତୋଷାଳୀ ମହୋତ୍ସବ

**ତୁଷୁରା, ୧୧।୨ (ସମିସ):** ତୁଷୁରା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ତୃତୀୟ ତୋଷାଳୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟିର ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଗୃହ ଓ କୋଠାବାଡି ନିର୍ମାଣ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଭାଷା ଓ ସଂସ୍କୃତି ଗବେଷକ ଡ.ଦୋଳଗୋବିନ୍ଦ ବିଶି ଯୋଗଦେଇ ଆସ୍ତେ ଆସ୍ତେ କଳା ସଂସ୍କୃତି ଲୋପ ପାଇବାକୁ ବସୁଛି ମହୋତ୍ସବ ଦ୍ୱାରା କଳା ସଂସ୍କୃତି ଉଜ୍ଜୀବିତ ହୋଇ ଇତିହାସକୁ ମନେପକାଯାଇ ପାରିବ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ଯୋଗଦେଇ ଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲିସନ ପଧାନ ମଞ୍ଚାସିନ ହୋଇଥିଲେ। ଉପ ସଭାପତି ଦେବବ୍ରତ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁଧିର ନାୟକ ଓ ପ୍ରତିଶୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଆଶିଷ କୁମ୍ଭାର ଓ ସୌଭାଗ୍ୟ ଲକ୍ଷ୍ମୀ ଦାସଙ୍କ ଲୋକଗୀତ ଦର୍ଶକଙ୍କୁ ମୋହିତ କରିଥିଲା।




## ଦଳଗତ ନୃତ୍ୟ ମାଧ୍ୟମରେ ଜନସଚେତନତା

**ଦେଓଗାଁ, ୧୧।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବିଭିନ୍ନ ଗାଁରେ ସଞ୍ଚାର, ପାଲା, ଦାସକାଠିଆ ମାଧ୍ୟମରେ କଳାକାର ମାନେ ଗାଁ ଦାଣ୍ଡ ମାନଙ୍କରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହୀତକର ଯୋଜନା ସମ୍ପର୍କରେ ସଚେତନ ସୃଷ୍ଟି କରୁଛନ୍ତି। ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ଗ୍ରାମାଞ୍ଚଳରେ ଥିବା କଳାକାର ମାନେ ପ୍ରତ୍ୟେକ ଗାଁକୁ ଗାଁ ଯାଇ ନିଜ ପାରମ୍ପରିକ କଳା ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ ସହ ସରକାରୀ ଯୋଜନା ଗୁଡିକର ଲାଭ ଉପରେ ଅବଗତ କରୁଛନ୍ତି। ରବିବାର ହାତିସରା, ସିଂହାମୁଣ୍ଡା, ଜୁର୍ଲାକାନୀ, ଜରାସିଂହା, କଛାରପାଲି, କୁଲୁତାପଡ଼ା, ଖଇରଗୁରା, ନାଇକେନସିରା, ଦେଷଣ୍ଡ ଓ ଗୌରଗୋଠ ଆଦି ଗାଁ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଦପଲା ଧନୁଯାତ୍ରା: କାଳୀୟ ଦଳନ ଓ କଂସଙ୍କ ରଙ୍ଗସଭା



**ମନମୁଣ୍ଡା, ୧୧।୨(ସମିସ):** ଦପଲା (ଜୁରୁମୁଣ୍ଡା) ଧନୁଯାତ୍ରାର ପଞ୍ଚମ ଦିବସରେ କୃଷ୍ଣଙ୍କ କାଳୀୟ ଦଳନ ମଞ୍ଚସ୍ଥ ହୋଇଯାଇଛି। କୃଷ୍ଣ ଗୋପାଳ ମାନଙ୍କ ସହ ଗୋ-ଚାରଣ ଦେଖିବାକୁ ଦର୍ଶକ ମଜା ନେଇଥିଲେ। ଅନ୍ୟପକ୍ଷରେ ମଥୁରା ନଗରୀରେ କଂସଙ୍କ ଦିଗବିଜୟ ଅଭିଯାନ ଅଭିନୟ ଚମତ୍କାର ଥିଲା। କୃଷ୍ଣଙ୍କ ପାଦ ତଳେ କାଳୀୟ ନାଗ ଶରଣାଗତରେ କଂସ ଗଭୀର ମର୍ମାହତ ହୋଇଥିଲା। ନାରଦଙ୍କ ପରାମର୍ଶକ୍ରମେ କଂସ ରଙ୍ଗ ସଭାର ଆୟୋଜନ ଦୃଶ୍ୟ ବହୁତ୍ ସୁନ୍ଦର ହୋଇଥିଲା। ଶନିବାର ଚତୁର୍ଥ ଦିବସରେ ଗୋପପୁରରେ ଷଡମଲ୍ଲଙ୍କ ବଧ, କୃଷ୍ଣଙ୍କ ଗୋ ଚାରଣ ଏବଂ ବଣ ଭୋଜି ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ମଥୁରା ନଗରୀରେ ଷଡ ମଲ୍ଲଙ୍କ ବଧ ଦୃଶ୍ୟ ରୋମାଞ୍ଚକର ଥିଲା। ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା ପାଇଁ ଲକ୍ଷେ ଭାର ପଦ୍ମ ଆଣିବା ପାଇଁ ଚିଠାଉ ପ୍ରେରଣ ନାଟକ ହୃଦୟସ୍ପର୍ଶୀ ହୋଇଥିଲା। ସୋମବାର ମୁଖ୍ୟ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇଥିଲେ।

## ଲର୍କି ସେବାଶ୍ରମର ବାର୍ଷିକ ଉତ୍ସବ

**କୋମନା, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଲର୍କିସ୍ଥିତ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଓହିଧା ବାନୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗଣ୍ଡାମେର ପଞ୍ଚାୟତ ସରପଞ୍ଚ ରମ୍ଭାବତୀ ଶବର, ସମ୍ମାନିତ ଅତିଥି ଭାବରେ ମୁଖ ସୁନା, ପଞ୍ଚାୟତ ସଭ୍ୟ ବିଲାସିନୀ ସଗରିଆ, ସ୍କୁଲ ଅଧ୍ୟକ୍ଷ ସନ୍ତୋଷ ରଥ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି କ୍ରମରେ ସଂସ୍କୃତି ଶିକ୍ଷ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ଲର୍କି ଆମ୍ବେଦକର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**କୋମନା, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗଣ୍ଡାମେର ଛକ ଖେଳପଡ଼ିଆରେ ଆମ୍ବେଦକର କ୍ଲବ ଲର୍କି ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସମାଜସେବୀ ତଥା ଡମ ଗଣା ସମାଜ ଜିଲ୍ଲା ସଭାପତି ହରିକେଶ ଜାଲ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ ନୂଆଗାଁ ଓ ସୁକ୍ଲିମୁଣ୍ଡି ଦଳ ମଧ୍ୟରେ ନୂଆଗାଁ ଦଳ ୨୬ ରନରେ ବିଜୟୀ ହୋଇଥିଲା। କ୍ଲବ ସଭାପତି ମୁଖ ସୁନା, ସମ୍ପାଦକ ଲକ୍ଷପତି ସୁନା ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ

**ସିନାପାଲି, ୧୧।୨(ସମିସ):** ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବରଗାଁରେ ଜାତୀୟ କୃମି ନାଶକ ଦିବସ ପାଇଁ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଣୟ କିଶୋର ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀମାନ ସାହୁ ମଞ୍ଚାସୀନ ଥିଲେ। ଡାକ୍ତର ଭୈରବ ପାଣିଗ୍ରାହୀ, ଡାକ୍ତର ମନସ୍ୱିନି ପଟ୍ଟନାୟକ, ଅଙ୍ଗଦରାମ ମାଝୀ, ବିପିଏମ ରତ୍ନମଣି ଭୁଏ, ଏମଟିଏସ ଦିବ୍ୟରଞ୍ଜନ ନାଏକ, ସ୍ୱାସ୍ଥ୍ୟକର୍ମୀ କୋଇନ୍ତା ଜଗତ, ପୁଷ୍ପକାନ୍ତ ନିଆଲ ମଞ୍ଚାସୀନ ଥିଲେ। ସମସ୍ତ ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ ତଥା ଗ୍ରାମରେ ଥିବା ୧ରୁ ୧୯ ବର୍ଷର ସମସ୍ତ ଶିଶୁଙ୍କୁ କୃମିନାଶକ ବଟିକା ଆଲବେଣ୍ଡାଜୋଲ ଖୁଆ ଯାଇଥିବା ବେଳେ ଆସନ୍ତା ୧୭ ତାରିଖ ଅବଶିଷ୍ଟ ଥିବା ଶିଶୁଙ୍କୁ ବଟିକା ଖୁଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷ ରୁ ସୂଚନା ଦିଆଯାଇଛି।




# ୫୯ ଜାତୀୟ ରାଜପଥରେ ପୁଣି ଏକ ଡକାୟତି

# ଆକ୍ରମଣ କରି ମୋବାଇଲ ସହ ୧ ଲକ୍ଷ ୫୦ ହଜାର ଲୁଟ୍

**ମୁରିବାହାଲ, ୧୧।୨(ସମିସ ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ୫୯ ଜାତୀୟ ରାଜପଥ ଗୁରୁଣ୍ଡା ଗ୍ରାମ ନିକଟରେ ଶନିବାର ଭୋର ସମୟରେ ଡକାୟତି ହୋଇଥିବା ମୁରିବାହାଲ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଗୋଟିଏ ମୋବାଇଲ ସହ ୧ ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ରାଜଆଗଲପୁର ଗ୍ରାମର ଭାରତ ମେହେର (୩୦) ପିତା କୃଷ୍ଣଚନ୍ଦ୍ର ମେହେର ଏକ ଟ୍ରକ୍‌ରେ କନ୍ଧମାଳ ଜିଲ୍ଲା ଗଣ୍ଡାପିପିଲିରୁ ପାଟଣାଗଡ଼କୁ କପାଲୋଡ୍ କାରି ଆସୁଥିଲେ। ମୁରିବାହାଲ ଥାନା ଅଧୀନସ୍ଥ ୫୯ ଜାତୀୟ ରାଜପଥ ଗୁରାଣ୍ଡା ଗ୍ରାମ ନିକଟରେ କିଛି ସମୟପାଇଁ ଟ୍ରକ୍‌କୁ ଅଟକାଇ ଗାଡ଼ିରେ ଥିଲେ। ଏହିସମୟରେ ୪ ଜଣ ଅଧିକ ଯୁବକ ଆସି ଟ୍ରକ୍‌ରେ ଶୋଇଥିବା ଡ୍ରାଇଭର ଶ୍ରୀ ମେହେରକୁ ଡ଼ାକିବା ସହ ପୁଲିସ ବୋଲି ପରିଚୟଦେଇ ତଳକୁ ଆସିବାକୁ କହିଥିଲେ। ଡ୍ରାଇଭର ଗେଟ୍ ଖୋଲିବାରୁ ସାଙ୍ଗେ ସାଙ୍ଗେ ଲଙ୍କାଗୁଣ୍ଡ ମୁହଁରେ ମାରି ଭୁଜାଲି, ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଛାତିରେ ଆଘାତ ଲାଗିଥିବାବେଳେ ଡାହାଣ ଜଙ୍ଘ ନିକଟର ମଧ ଆଘାତ ହୋଇଛି। ଏହାପରେ ମୋବାଇଲ ଓ ପାଖରେ ଥିବା ୧ ଲକ୍ଷ ୫୦ ହଜାର ଟଙ୍କା ଛଡ଼ାଇନେଇ ପଳାଇଥିଲେ। ନିରୂପାୟ ହୋଇ ଶ୍ରୀ



ମେହେର ନିକଟସ୍ଥ ଥାନା ବଙ୍ଗୋମୁଣ୍ଡାକୁ ଯାଇ ଜଣାଇଥିବାବେଳେ ଆମରି ଏରିଆ ନୁହେଁ ବୋଲି ଘଟଣାକୁ ଏଡାଇ ଦେଉଥିଲେ। ପରେ ଏକ ଘରୋଇ କ୍ଲିନିକ ରେ ଚିକିତ୍ସା ହୋଇ ରବିବାର ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ ଦେଇ ପରେ ଏକ ଡ଼କାୟତି ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ମୁରିବାହାଲ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ କହିଛନ୍ତି।

## ଆଜି ଗଡ଼ିବ 'ଲକ୍ଷ୍ମୀ'

# ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଟିକଟ ମୂଲ୍ୟ ୫ ଟଙ୍କା

**ବଲାଙ୍ଗିର, ୧୧।୨(ସମିସ)**

ଗମନାଗମନ ସେବାକୁ ସହଜ କରିବା ପାଇଁ ଓଡ଼ିଶା ସରକାର ଆରମ୍ଭ କରିଛନ୍ତି ଲକ୍ଷ୍ମୀ ବସ୍ ସେବା। ସ୍ୱଳ୍ପ ମୂଲ୍ୟରେ ସୁଗମ ଓ ସୁରକ୍ଷିତ ଯାତ୍ରାକୁ ଦୃଢ଼ ନିଶ୍ଚିତ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗଡ଼ିବା ପରେ ରବିବାର ଠାରୁ ବଲାଙ୍ଗିରରେ ଆରମ୍ଭ ହେବ 'ଲକ୍ଷ୍ମୀ'। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବେ। ଲକ୍ଷ୍ମୀ ବସ୍‌ର ଲୋକପ୍ରିୟତା ଚାରିଆଡେ ବଢୁଥିବାବେଳେ ବଲାଙ୍ଗିରରେ ମଧ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି।

ରବିବାର ବଲାଙ୍ଗିର ନୂତନ ବସ୍ ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଖେଳପଡ଼ିଆଠାରୁ ଆରମ୍ଭ ହେବ ଲକ୍ଷ୍ମୀ ବସ୍। ଦିନ ୧୧.୩୦ ମିନିଟରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରିବେ। ଖବର ଲେଖାହେବା ପର୍ଯ୍ୟନ୍ତ ପରିବହନ ବିଭାଗ ତରଫରୁ ୨୫ ଟି ଲକ୍ଷ୍ମୀ ବସର ପଞ୍ଜୀକରଣ ସରିଛି। ପଞ୍ଚାୟତରୁ ବ୍ଲକକୁ ଗଡ଼ିବା ପାଇଁ ପ୍ରତି ବ୍ଲକକୁ ୩ ଟି ବସ୍ ଅନୁସାରେ ମୋଟ ୪୨ ଟି ବସ୍ ପ୍ରଦାନ କରାଯିବ। ସେହିଭଳି ବ୍ଲକରୁ ଜିଲ୍ଲା ସଦର ମହକୁମା କୁ ମଧ ବସ୍ ଗଡ଼ିବ। ଏଭଳି ଭାବରେ ମୋଟ ପାଖାପାଖି ୬୦ ଟି ଲକ୍ଷ୍ମୀ ବସ୍ ବଲାଙ୍ଗିର ଜିଲ୍ଲାରେ ଗଡ଼ିବା ନେଇ ସୂଚନା ରହିଛି। ପ୍ରକାଶ ଯେ ଲକ୍ଷ୍ମୀ ବସ୍‌ର ଟିକେଟ ମୂଲ୍ୟ ଅନ୍ୟ ବସ୍ ଅପେକ୍ଷା ବହୁତ କମ୍। ବିଶେଷ କରି ମହିଳା ଓ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଟିକେଟ ମୂଲ୍ୟ ୫ ଟଙ୍କା ରହିଛି। ବଲାଙ୍ଗିର ଜିଲ୍ଲାରେ ଲକ୍ଷ୍ମୀ ବସ୍ ରହିବା ପାଇଁ ମୋଟ ୩୦୦ରୁ ଊର୍ଦ୍ଧ୍ୱ ବସ୍ ଷ୍ଟପ ନିର୍ମାଣ କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍‌କୁ ଅତ୍ୟାଧୁନିକ ସେବା ସମ୍ପନ୍ନ କରାଯାଇଛି। ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଆସୁଥିବା ବସ୍ ଗୁଡ଼ିକ ବାତାନୁକୂଳିତ (ଏସି ବସ୍) ବୋଲି ପରିବହନ ବିଭାଗ ସୂଚନା ଦେଇଛି। ସଠିକ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଉଥିବାରୁ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି ଲକ୍ଷ୍ମୀ। ଏହାର ଆଗମନ ଓ ପ୍ରସ୍ଥାନ ସମୟରେ ବିଳମ୍ବ ହେଉନାହିଁ। ସେହିଭଳି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବସରେ କ୍ଷମତା ଠାରୁ ଅଧିକ



ଯାତ୍ରୀଙ୍କ ବାରଣଙ୍କୁ ସମ୍ପୁର୍ଣ୍ଣ ଭାବରେ ବାରଣ କରାଯାଉଛି। ତେଣୁକରି ଖୁବ କମ ସମୟ ମଧ୍ୟରେ ଲକ୍ଷ୍ମୀ ବସ୍ ଯାତ୍ରୀମାନଙ୍କର ପ୍ରଥମ ପସନ୍ଦ ହୋଇଛି। ଉପାନ୍ତ ଅଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରିବାରେ ଲକ୍ଷ୍ମୀ ବସ୍ ଡୋରୀ ସଦୃଶ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଏହାକୁ ଶୁଭାରମ୍ଭ କରିବେ। ଗମନାଗମନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଉଦ୍ୟମକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଥିବାବେଳେ ବଲାଙ୍ଗିର ଜିଲ୍ଲାର ଲୋକେ ଏହାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି।

# ବିଧାନସଭା ଶେଷ ଅଧିବେଶନ ପରେ ଫେରିଲେ ନରସିଂହ

**ବଲାଙ୍ଗିର, ୧୧।୨(ସମିସ):** ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ରାଜନୈତିକ



ଜୀବନର ଶେଷ ବିଧାନସଭା ଅଧିବେଶନ ସାରି ନିଜ ନିର୍ବାଚନ ମଣ୍ଡଳି ବଲାଙ୍ଗିର ଫେରିଛନ୍ତି। ବଲାଙ୍ଗିର ପହଞ୍ଚିଲା ବେଳକୁ ପୁଇଁନ୍ତଳା ବ୍ଲକ ସମ୍ମୁଖରେ ହଜାର ହଜାର ଜନସାଧାରଣ ଓ କଂଗ୍ରେସ ଦଳର କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଏକ ବିରାଟ ପଟୁଆର ସାରା ସହର ବିଧାୟକ ଶ୍ରୀ ମିଶ୍ରଙ୍କୁ ନେଇ ପରିକ୍ରମା କରିଥିଲା। ଶ୍ରୀ ମିଶ୍ରଙ୍କ ବିଧାନସଭା ଅଧିବେଶନର ଶେଷ ଦିବସର ଅଭିଭାଷଣ ସାରା ରାଜ୍ୟକୁ ଭାବବିହ୍ୱଳ କରିଥିଲା। ୯୦ ଦଶକରୁ ବିଧାୟକ, ମନ୍ତ୍ରୀ, ବିରୋଧିଦଳ ନେତା, ଉପ-ନେତା ଦାୟିତ୍ୱ ତୁଲାଇଥିବା ବିଧାୟକ ଶ୍ରୀ ମିଶ୍ର ୩୪ ବର୍ଷର ଦିର୍ଘ ରାଜନୈତିକ ଜୀବନରେ ବିଧାନସଭା ଭିତରେ ତାଙ୍କର ବକ୍ତବ୍ୟ ତଥା କାର୍ଯ୍ୟକଳାପ ଯଦି କାହାକୁ କିଛି ଆଘାତ ଦେଇଥାଏ ତେବେ ସେମାନେ କ୍ଷମା କରିଦେବେ ବୋଲି କହିଥିବା କଥା ବିଧାନସଭା ଗୃହକୁ ମଧ ଭାବବିହ୍ୱଳ କରିଥିଲା। ରାଜନୈତିକ ଚିନ୍ତାଧାରା ଊର୍ଦ୍ଧ୍ୱରେ ରହି ଗୃହର ପ୍ରତ୍ୟେକ ବରିଷ୍ଠ ଓ କନିଷ୍ଠ ବିଧାୟକ ମାନେ ବିଧାୟକ ଶ୍ରୀ ମିଶ୍ରଙ୍କୁ ବିଧାନସଭାରୁ ମଧ ଭାବପୂର୍ଣ୍ଣ ବିଦାୟ ଦେଇଥିଲେ। ବିଧାୟକ ଶ୍ରୀ ମିଶ୍ରଙ୍କ ଶେଷ ଦିନର ବକ୍ତବ୍ୟ ବିଧାନସଭା ଗୃହରେ ପରମ୍ପରା ହୋଇ ନିଶ୍ଚିତ ରହିବ ବୋଲି କିଛି ରାଜନୈତିକ ବିଶାରଦ ମତ ରଖିଥିଲେ। ଲୋକଙ୍କ ଏହି ଭଲ ପାଇବାର ମୁଲ୍ୟ ସେ ବିଧାୟକ ନ ଥିଲେ ମଧ ନିଶ୍ଚିତ ଭାବରେ ଫେରେଇବେ। ସେ ଏ ଅବସରରେ ଆହୁରି ମଧ କହିଥିଲେ ଆଗକୁ ନିର୍ବାଚନ ସେ ଆଉ ଲଢୁନାହାନ୍ତି କିନ୍ତୁ ରାଜନୀତିରେ ରହିବେ।

# ବିଜେଡିର ଜନସମ୍ପର୍କ ଯାତ୍ରକୁ ମିଳୁଛି ଜନସମର୍ଥନ



**ବଲାଙ୍ଗିର, ୧୧।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଶଙ୍ଖ ଜନସମ୍ପର୍କ ଯାତ୍ରା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମମିଆ, ଝଲପ, ସାଲେବରଟ, ଅର୍ଶାତୁଲା, କୁରଡିଆମୁନ୍ଦା, ବାଲବେଙ୍ଗ, ମୁଣ୍ଡପଦର, କନ୍ଧବାହାଲ, ଗୋବିନ୍ଦ ପୁର, ସାଗୁନଭାଡ, ଟିଟିସିଲେଟ, ପୁତୁଲାତଲାଇ, ପଣ୍ଡିରିପାଣି, ବକାଗୁରା, ବର୍ଗତି ପଡ଼ା, ଅଳନ୍ଦା, ଝରିଆଲ, ଠେମରା, ବୁଢ଼ୀପଦର, ବାହବଳ, ବେହେରାଭଟା, ମଲକାଷଡା, ବରକାନୀ, ଉକ୍ରେଲା, ଜାମତରା, ଗାଁରେ ପହଞ୍ଚିଯାଇଛି। ପ୍ରତ୍ୟେକ ଗାଁରେ ଏହି ଜନସମ୍ପର୍କ ଯାତ୍ର ବହୁ ଧୁମଧାମ ସ୍ୱାଗତ କରାଯାଇଥିଲା। ଏହି ଜନସମ୍ପର୍କ ଯାତ୍ରାରେ ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ବିଜୁ ଜନତା ଦଳ ବଲାଙ୍ଗିର ଜିଲ୍ଲା ଉପ ସଭାପତି ଉମାକାନ୍ତ ସାହୁ, ସିନ୍ଦେଧକେଲା ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ସାହୁ, ସିନ୍ଦେଧକେଲା ରାଜା ଅରୁଣ ସିଂ ଦେଓ, କାର୍ତ୍ତିକ ପ୍ରଧାନ, ପିଣ୍ଟୁ ଅଗ୍ରୱାଲ, ଥେକର ରଣା, ବରିଷ୍ଠ ବିଜେଡି ନେତା ପରୁଷୋତ୍ତମ ଭୋଇ, ଶ୍ରୀଧର ମାଝୀ, ଦୈତାରୀ ଭୋଇଙ୍କ ସହ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚିଞ୍ଚୈଡ଼ ଓ ନୂଆପଡ଼ାରେ 'ଘରେ ଘରେ ଶଙ୍ଖ'

**ଗୁଡ଼ଭେଲା, ୧୧।୨(ସମିସ):** ଗୁଡଭେଲା ବ୍ଲକ ଚିଞ୍ଚୈଡ ଏବଂ ନୂଆପଡ଼ା ପଞ୍ଚାୟତର ସମସ୍ତ ଗାଁ ଗୁଡ଼ିକରେ ବିଜୁ ଜନତା ଦଳ ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। ବିଜୁ ଜନତା ଦଳର ବରିଷ୍ଠ ନେତା ନନ୍ଦଲାଲ ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଡଭେଲା ବ୍ଲକର ବିଜେଡି ପର୍ଯ୍ୟବେକ୍ଷକ ଅଶୋକ ଜେନା, ଯୁବନେତା ରାଜେଶ ସରାଫ, ସୁଦାମ ପଣ୍ଡା, କୁଞ୍ଜବିହାରୀ ସାହୁ, ଋଷିକେଶ ଚନ୍ଦନ, କୈବର୍ତ୍ତ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ଜନହିତକର ଯୋଜନା ଏବଂ ସୁଶାସନ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ।

# ତୈଳିକ ବୈଶ୍ୟ ସାହୁ ସମାଜର ବାର୍ଷିକ ଉତ୍ସବ

**ମୁରିବାହାଲ, ୧୧।୨(ସମିସ ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତର ଚିତ୍ରାମୁଣ୍ଡାରେ ବ୍ଲକସ୍ତରୀୟ ତୈଳିକ ବୈଶ୍ୟ ସାହୁ ସମାଜର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସାହୁ ସମାଜର ଉପସଭାପତି ରାଜ କୁମାର ସାହୁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୟାନିଧି ସାହୁ, ଉପଦେଷ୍ଟା ଲିଙ୍ଗରାଜ ସାହୁ, ବ୍ଲକ ଉପସଭାପତି ବୈଶାଖୁ ସାହୁ, କୃତ୍ତିବାସ ସାହୁ, ଉପଦେଷ୍ଟା ହରେକୃଷ୍ଣ ସାହୁ, ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ବେହେରା, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ଯୁବନେତା କଶ୍ୟପ ସରାଫ ପ୍ରମୁଖ ଯୋଗଦେଇ ଥିଲେ। ବୈଠକରେ ତୈଳିକ ବୈଶ୍ୟ ସାହୁ ସମାଜର ସାଙ୍ଗଠନିକ ସୁଦୃଢ଼କୁ ମଜଭୁତ କରିବା ନେଇ ଆଲୋଚନା ହୋଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ଦେଓଗାଁ, ୧୧।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା, ଡୁମେରପିଟା ଓ ଲଣ୍ଡାପଥର ପଞ୍ଚାୟତରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବନ୍ଧପଡ଼ା ପଞ୍ଚାୟତ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଙ୍କ ସଭାପତିତ୍ୱ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବାଗଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା ମମତା କୁମୁରା, ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର, ଜରସିଂହା ସରପଞ୍ଚ କୁଶମଣି ମେହେର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ଜାହ୍ନବୀ ମାହାଣା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ରାଜ୍ୟସରକାର ପ୍ରତ୍ୟେକ ରାସନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଥିଲା। ସେହିପରି ଡୁମେରପିଟା ଞ୍ଚାୟତରେ ସରପଞ୍ଚ ବାସନ୍ତୀ ପଟେଲଙ୍କ ସଭାପତିତ୍ୱ ତଥା ବିପିଏମ ପ୍ରଦୀପ କୁମାର ଛତ୍ରିଆଙ୍କ ପରାଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷ ଖମାରୀ, ଜିଲ୍ଲା ପରିଷଦ ସଭ୍ୟା କୁମୁରା, ସ୍ଥାନୀୟ ସମିତିସଭ୍ୟ ସଂକୀର୍ତ୍ତନ ବାଗ ପ୍ରମୁଖ ଯୋଗଦେଇ ଥିଲେ। ଇଓ ସୂର୍ଯ୍ୟମଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଲଣ୍ଡାପଥର ସରପଞ୍ଚ ଦେବାନ୍ତୀ କ୍ଷେତିଙ୍କ ସଭାପତିତ୍ୱ ଓ ଇଓ ଅରୁଣ ନାଗଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଖମାରୀ, ଲକ୍ଷ୍ମଣ ମେହେର ଓ ବିଡିଓ କ୍ଷମାନିଧି ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

# ତୋଷାଳୀ ମହୋତ୍ସବ ଉପଲକ୍ଷେ ବହୁଭାଷୀ କବିତା ଆସର

**ତୁଷୁରା, ୧୧।୨ (ସମିସ):** ତୃତୀୟ ତୋଷାଳୀ ମହୋତ୍ସବ ଉପଲକ୍ଷେ ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ନିଷାନ୍ କୁଟୁମ୍



ଆନୁକୂଲ୍ୟରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଛି। ଶ୍ୟାମସୁନ୍ଦର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନିଷାନ୍‌ର ସମ୍ପାଦକ ଆଶୁକବି ହେମନ୍ତ ଦାଶ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ତୁଳସୀ ଜୈନ ଯୋଗଦେଇ କୋସଲି ଭାଷାର ବୃଦ୍ଧି ସକାଶେ ନିଷାନ୍ ସାହିତ୍ୟ ସଂସଦ ର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କୋଶଳ ସାହିତ୍ୟ ଏକାଡେମୀର ସଭାପତି ଦେବେନ୍ଦ୍ର ନାଏକ, ତୋଷାଳୀ ମହୋତ୍ସବ କମିଟିର ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଉପ ସଭାପତି ଦେବବ୍ରତ ପାଣିଗ୍ରାହୀ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର, ୟୁଥ୍ ଏକ୍ସନର କମିଟିର ସଭାପତି ଲିସନ୍ କୁମାର୍ ପ୍ରଧାନଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବାଗ୍ମୀ ରାଜମଣି ସାହୁ ଯୋଗ ଦେଇ କୋସଲି ଭାଷାର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ନିଷାନ୍ ସାହିତ୍ୟ ସଂସଦ, ତୁଷୁରା, ବଲାଙ୍ଗିର ତରଫରୁ ୨୦୨୪ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ପ୍ରତିଭାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ କବୟିତ୍ରୀ ସବିତା ମହରା ଓ ଚନ୍ଦ୍ରାବତୀ ପାଣ୍ଡେଙ୍କ ସଂଯୋଜନାରେ ବହୁଭାଷୀ କବିତାଆସର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର, କଳାହାଣ୍ଡି, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର ଓ ବୌଦ୍ଧ ଆଦି ଜିଲ୍ଲାରୁ ଆସିଥିବା କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରି ଉପସ୍ଥିତ ଶ୍ରୋତାଙ୍କୁ ମନମୁଗ୍ଧ କରି ଦେଇଥିଲେ। ସଭା ପ୍ରାରମ୍ଭରେ କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶେଷରେ କବୟିତ୍ରୀ ବବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

- ସ୍ୱର୍ଗତ ରମେଶ ପ୍ରଧାନ ସ୍ମୃତି ସମ୍ମାନ-ବାଲୁକା ଶିଳ୍ପୀ ଶ୍ରୀ ଓମ୍ ପ୍ରକାଶ ସାହୁ, କଳାହାଣ୍ଡି
- ନିଷାନ୍ ଏକପଦି କବିତା ସମ୍ମାନ-କବୟିତ୍ରୀ ସାବିତ୍ରୀ ସାହୁ, ବଲାଙ୍ଗିର
- ନିଷାନ୍ ଏକପଦି ଧାରାବାହିକ ସମ୍ମାନ - ଶ୍ରୀ ଉମେଶ ପ୍ରଧାନ, ବରଗଡ଼
- ନିଷାନ୍ ଯୁବକବି ସମ୍ମାନ - ଶ୍ରୀ ସତ୍ୟ ଭୂଷଣ ସାହୁ, ବରଗଡ଼
- ନିଷାନ୍ ନାଟକ୍ ସମ୍ମାନ- ଶ୍ରୀମତୀ ଚନ୍ଦ୍ରାବତୀ ପାଣ୍ଡେ, ସୋନପୁର
- ନିଷାନ୍ କଥାନି ସମ୍ମାନ୍-ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରଗଡ଼
- ନିଷାନ୍ କଲାକାର୍ ସମ୍ମାନ୍- ସୁଶ୍ରୀ ଲିପ୍‌ସା ମହାରଣା, କଳାହାଣ୍ଡି
- ନିଷାନ୍ କଲାପଟା ସାହିତ୍ୟ ସମ୍ମାନ୍- ଘଣ୍ଟି ସାହିତ୍ୟ ଅନୁଷ୍ଠାନ, ସମଲ୍‌ପୁର୍
- ନିଷାନ୍ ସମ୍ବାଦିକ ସମ୍ମାନ୍-ଶ୍ରୀ ସୁନିଲ ଜୈନ (ସମ୍ବାଦ ପ୍ରତିନିଧି)
- ମନସ୍ୱନୀ ସମ୍ମାନ- ଶ୍ରୀମତୀ ସବିତା ମହରା, ବଲାଙ୍ଗିର
- ମନସ୍ୱିନୀ ସମ୍ମାନ- ଶ୍ରୀ ଦେବଦତ୍ତ ପଣ୍ଡା, ସୋନପୁର

## ଇଣ୍ଟରସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଣ୍ଟାବାଞ୍ଜି ରେଡ୍ ବିଜେତା

**ବଲାଙ୍ଗିର, ୧୧।୨(ସମିସ):** ଗାନ୍ଧୀ ଷ୍ଟାଡିୟମଠାରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ହୋଇଛି। ଏହି ଫାଇନାଲ ମ୍ୟାଚ ଟି ୪୦ ଓଭର ବିଶିଷ୍ଟ ହୋଇଥିଲା ବଲାଙ୍ଗିର ଗ୍ରୀନ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦.୫ ଓଭରରେ ୯୧ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟିଜେରାଓ ସର୍ବାଧିକ ୨୩ ରନ୍ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ରେଡ୍ ଦଳ ତରଫରୁ ସଫଳ ବୋଲର ଭାବରେ ଜିତ ବେହେରା ସର୍ବାଧିକ ୩ ଗୋଟି ୱିକେଟ, ଅବଦୁଲ ରହମାନ ଓ ଅୟାଜ ଅହମଦ ୨ ଗୋଟି ଲେଖାଏଁ ୱିକେଟ ନେଇଥିଲେ। ୯୨ ରନ୍ ର ବିଜୟ ଲକ୍ଷ୍ୟକୁ ନେଇ ପଡ଼ିଆକୁ ଓହ୍ଲାଇଥିବା କଣ୍ଟାବାଞ୍ଜି ରେଡ୍ ଦଳ ୨୫.୨ ଓଭରରେ ୬ ୱିକେଟ ବିନିମୟରେ ଆବଶ୍ୟକ ୯୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। କଣ୍ଟାବାଞ୍ଜି ରେଡ୍ ଦଳ ତରଫରୁ ରବିନ ୨୪ ରନ୍, କ୍ରିସ ଅଗ୍ରୱାଲ ୧୯ ରନ୍ ସଂଗ୍ରହ କରିଥିଲେ। ବଲାଙ୍ଗିର ଗ୍ରୀନ ଦଳ ତରଫରୁ ସଫଳ ବୋଲର ଭାବରେ ଟିଜେ ରାଓ ସର୍ବାଧିକ ୩ ଗୋଟି ୱିକେଟ ନେଇଥିବା ବେଳେ ଫରିଦ ନାଗ ୨ ଗୋଟି ୱିକେଟ ନେଇଥିଲେ। ଏହି ଫାଇନାଲ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରିଥିବା ଜିତ ବେହେରା ଙ୍କୁ ମ୍ୟାନ ଅଫ୍ ଦ ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା।ଏହି ଫାଇନାଲ ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ସମୀର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲ। ଏହି ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରି ନାରାୟଣ ପୁଜାରୀ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହିତ ଧର୍ମେନ୍ଦ୍ର ମିଶ୍ର, ରାହୁଲ ସାହୁ ଓ ବାବୁଲୁ ଦାଶ, ସୁଦର୍ଶନ ବାଗ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଲନ୍‌ବଲ୍ କୋର୍ଟର ଭୂମି ପୂଜନ

**ବଲାଙ୍ଗିର, ୧୧।୨(ସମିସ):** ରାଜେନ୍ଦ୍ର ନାରାୟଣ କ୍ରୀଡ଼ା ପ୍ରାଙ୍ଗଣରେ ଲନ୍‌ବଲ କୋର୍ଟ ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି। ଓଡ଼ିଶା ହାଉସିଂ ବୋର୍ଡ ଅଧକ୍ଷ



କଳିକେଶ ନାରାୟଣ ସିଂ ଦେଓଙ୍କ ଉପସ୍ଥିତିରେ ପୌରାଧକ୍ଷା ଲିକା ସାହୁ ଭୂମିପୂଜନ କରିଥିଲେ। ଏହି କୋର୍ଟର ବ୍ୟୟ ଅଟକଳ ମୂଲ୍ୟ ୨ କୋଟି ୪ ଲକ୍ଷ ୩୬ ହଜାର ଟଙ୍କା ରହିଛି। ଲନ ବଲ ଗେମରେ ସାରା ରାଜ୍ୟରେ ବଲାଙ୍ଗିର ଜିଲ୍ଲାର ନାଁ ରହିଥିବାବେଳେ ଏହି କୋର୍ଟ ନିର୍ମାଣ ହେବାପରେ ଖେଳାଳିଙ୍କୁ ଉତ୍କୃଷ୍ଟ ଭିତ୍ତିଭୂମି ମିଳିବ। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ରାଜ୍ୟ ଲନ୍‌ବଲ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଟକିଲା ନାଗାବଳୀ ଏକ୍ସପ୍ରେସ୍, ଟ୍ରେନ ଚଳାଚଳ ବାଧାପ୍ରାପ୍ତ



**ବଲାଙ୍ଗିର, ୧୧।୨(ସମିସ)**

ବଲାଙ୍ଗିର ଜଙ୍କସନ୍ ପଟୁ ସମ୍ବଲପୁର ଆଡକୁ ଯାଉଥିବା ନାଗାବଳୀ ଏକ୍ସପ୍ରେସ ଖଲିଆପାଲି - ଡୁଙ୍ଗରୀପାଲି ଷ୍ଟେସନ ମଝିରେ ଅଟକିଥିବା ଜଣାପଡ଼ିଛି। ଯାନ୍ତ୍ରୀକ ତ୍ରୁଟି କାରଣରୁ ଟ୍ରେନ୍‌ଟି ଅଟକି ରହିଥିବାବେଳେ ଏହି ରେଳ ଲାଇନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ମିଳିଥିବା ସୂଚନା ନାନ୍ଦେଡ ରୁ ସମ୍ବଲପୁର ଅଭିମୁଖେ ଫେରୁଥିବା ନାଗାବଳୀ ଏକ୍ସପ୍ରେସ ସନ୍ଧ୍ୟା ୫.୧୦ ମିନିଟରେ ବଲାଙ୍ଗିର ଜଙ୍କସନରୁ ଛାଡିଥିଲା। ଖଲିଆପାଲି ଷ୍ଟେସନରୁ ଛାଡ଼ିବା ସମୟରେ ଇଞ୍ଜିନକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଖଲିଆପାଲି ଡୁଙ୍ଗରିପାଲି ମଝିରେ ଟ୍ରେନଟି ଅଟକି ରହିଥିଲା। ଦୀର୍ଘ ସମୟ ଧରି ମରାମତି ଚାଲୁଥିବାରୁ ଯାତ୍ରୀମାନେ ହଇରାଣ ହେବା ସହିତ ବଲାଙ୍ଗିର ସମ୍ବଲପୁର ମଧ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା।

# ୧୩ରୁ ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର, ୧୧।୨(ସମିସ):** ସିସିଏଫ୍‌ଏ କଲେଜଛକ ବଲାଙ୍ଗିର ଆନୁକୂଲ୍ୟରେ ଆସନ୍ତା ୧୩ ତାରିଖ ଠାରୁ ସ୍ଥାନୀୟ ମିଶନ ହାଇସ୍କୁଲ ପଡ଼ିଆ ଠାରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସିସିଏଫଏ ବଲାଙ୍ଗିର ସଭାପତି ସୁରେନ୍ଦ୍ର ନାଗଙ୍କ ଅଧକ୍ଷତାରେ ସୁପରିଚାଳନା ପାଇଁ ବିଭିନ୍ନ କମିଟି ଓ ସବ୍ କମିଟି ସଭାମାନ ଆୟୋଜନ ହୋଇଯାଇଛି। ଚୂଡ଼ାନ୍ତ ଫାଇନାଲ ଖେଳ ୨୦ ତାରିଖ ଦିନ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୟୁନାଇଟେଡ ବରଗଡ଼, ସମ୍ବଲପୁର ଏଫ୍‌ସି, ସିସିଏଫ୍‌ଏ ବଲାଙ୍ଗିର, ବିଏନଏଏ ଜରାସିଂହା, ଏଲଏସ ବ୍ରଦର୍ସ ସୁନ୍ଦରଗଡ଼, ରୋଭର୍ସ କ୍ଲବ କଟକ, ଦୋସ୍ତି ବ୍ରଦର୍ସ ଝାରସୁଗୁଡା ଓ ଜଗା ଏକାଡେମୀ ଭୁବନେଶ୍ୱର ଦଳ ଗୁଡିକ ଭାଗ ନେଇଛନ୍ତି।

